ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



ନବମ ବର୍ଷ, ତୃତୀୟ ସଂଖ୍ୟା

ଅପ୍ରେଲ ୨୦୧୪

'ଆହ୍ବାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ବ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ବ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି| ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ବ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ବ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରିୟ ପାଠକ ପାଠିକାମାନଙ୍କୁ ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ ଓ ଓଡ଼ିଆ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଉପସ୍ଥାପନ କରୁଛି, ଚଳିତ ମାସର ଆହ୍ବାନ ଇ-ପତ୍ରିକା | ଓଡ଼ିଆ ନବବର୍ଷ ଯଦିଓ ପ୍ରତିବର୍ଷ ଆସେ ତଥାପି ଆମେ ଏହି ଦିନକୁ ଉପେକ୍ଷା କରିବାରେ କୌଣସି ମଉକା ଛାଡୁନୁ | ଅଧିକାଂଶ ଓଡ଼ିଆ ସମ୍ଭବତଃ ଓଡ଼ିଆ ନବବର୍ଷ ଅଛି ବୋଲି ଜାଣିଥିବେ କି ନାଇଁ ସେଇଟା ଗବେଷଣାର ବିଷୟ | ବିଗତ ଜାନୁଆରୀ ପହିଲା ସମୟରେ ଆମେ ସମସ୍ତେ ଇଂରାଜୀ ନବବର୍ଷ ପାଳନରେ ଏତେ ମାତିଯାଇଥିଲୁ ଯେ ସେଇ ସମୟରେ ଜଣୈକ ବନ୍ଧୁ ଆମକୁ ପ୍ରଶ୍ନ କରିଥିଲେ, ଇଂରାଜୀ ନବବର୍ଷ ପାଳନ କରୁଛନ୍ତି, ଜାଣିଛନ୍ତି ଓଡ଼ିଆ ନବବର୍ଷ କେବେ ଅଛି ? ଓଡ଼ିଆ ନବବର୍ଷ ପାଳନ ବେଳେ ବି ଏଇ ରକମ ଉତ୍ସାହ ଦେଖେଇବେ ? ବନ୍ଧୁଙ୍କ କଥାରେ ଅଭିଯୋଗ କମଥିଲା ଆଉ ଅଧିକ ଥିଲା କ୍ଷୋଭ | ସତ କଥା ଓଡ଼ିଶାରେ ଜନ୍ମହୋଇ ଓଡ଼ିଆ ଭାଷାରୁ କଥା କହିବା ଶିଖିଥିବା ଓଡ଼ିଆ ମାନଙ୍କମନରେ ଓଡ଼ିଆ ନବବର୍ଷ ପାଳନ ପାଇଁ ଉତ୍ସାହ ଦେଖାଯାଉନାହିଁ କାହିଁକି ? ଆମଦାନୀ ହୋଇଥିବା ଉତ୍ସବମାନଙ୍କୁ ଆମେ ବହୁ ଆଡ଼ମ୍ବରରେ ପାଳନ କରୁଛୁ ସତ ହେଲେ ଯେଉଁ ସବୁ ଉତ୍ସବ ଆମର ନିଜ ମାଟି ଓ ସଂସ୍କୃତିର ପରିଚାୟକ ସେ ସବୁକୁ ଅବହେଳା କରୁନାହୁଁ ତ ?

ଅତ୍ୟନ୍ତ ଖୁସିର କହିବାକୁ ଚାହେଁ, ଅନ୍ତତଃ ଏବେ ବି ଅନେକ ବନ୍ଧୁ ଫେସବୁକ୍‌ରେ ଓଡ଼ିଆ ନବବର୍ଷକୁ ସେଇ ଏକାରକମ ଉତ୍ସାହ ଓ ଉଲ୍ଲାସର ସହ ପାଳନ କରୁଛନ୍ତି | ଯଦିଓ ନବବର୍ଷ ହେବାକୁ ଆହୁରି ଅନେକ ଘଣ୍ଟା ବାକି ଅଛି ତଥାପି ଫେସବୁକର ୱାଲରେ ଅନେକ ଓଡ଼ିଆରେ ଲିଖିତ ସଦୃଶ ଅଭିନନ୍ଦନ ପତ୍ରମାନଙ୍କର ଗହଳି ପରିଲକ୍ଷିତ ହେଲାଣି | ଏହା ନିଶ୍ଚୟ ଭାବରେ ଏକ ଆନନ୍ଦର ବିଷୟ | ଯଦିଓ ଅନେକ ବନ୍ଧୁ ଏହାକୁ ଏକ ଔପଚାରିକତା ବୋଲି କହିପାରନ୍ତି, ଆଉ କେତେ ଜଣ ବନ୍ଧୁ ପବନ ସହ ବହିବା ଭଳି ଅନ୍ୟମାନେ କରୁଛନ୍ତି ଆମେ ବି କରିବା ନ୍ୟାୟରେ କରୁଛନ୍ତି, ଆଉ କିଛି ବନ୍ଧୁ ନିଜକୁ ସଚ୍ଚା ଓଡ଼ିଆ ବୋଲି ପ୍ରମାଣିତ କରିବାପାଇଁ ମଧ୍ୟ ଏହିପ୍ରକାରର ଅଭିନୟ କରିଥାଇ ପାରନ୍ତି, କିନ୍ତୁ ସେ ଯା ହେଉ

ସର୍ବୋପରି ଆମେ ଫେସବୁକ୍‌କୁ ଗୋଟିଏ ଦିନ ପାଇଁ ସମ୍ପୂର୍ଣ୍ଣ ଓଡ଼ିଆରେ ଆଚ୍ଛାଦିତ କରିଦେଇ ପାରିଲେ ତାହା ଆମପାଇଁ ଗର୍ବର କାରଣ ହୋଇପାରେ |

ଆହ୍ବାନ ଓଡ଼ିଆ ପରିବାର ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ସସ୍ନେହ ଅଭିବାଦନ ଜଣାଇବା ସହ ପ୍ରତିବର୍ଷ ଏହି ଦିନକୁ ପାଳନ କରିବାପାଇଁ ଉତ୍ସାହିତ କରି ଆସୁଛି | ଆମର ଛୋଟ ପ୍ରୟାସରେ ବର୍ତ୍ତମାନ ଅନେକ ବନ୍ଧୁ ସାମିଲ ହୋଇଛନ୍ତି, ଏହା ଆମପାଇଁ ଗର୍ବର ବିଷୟ | ପ୍ରତିବର୍ଷ କିଛି ନୂଆ କରିବା ଏବଂ ଆମ ଜାତି ଓ ଭାଷା ପାଇଁ କିଛି କରିବା ବୋଲି ଭାବନା ନେଇ ଅନେକ ବନ୍ଧୁ ଆଗକୁ ଆସି ଆମ ସହ ସାମିଲ ହେଉଛନ୍ତି | ଫେସବୁକରେ ଆହ୍ବାନ ଗ୍ରୁପର ଆରମ୍ଭର ଦୁଇବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ମଧ୍ୟ ଏହାର ସଦସ୍ୟ ସଂଖ୍ୟା ବର୍ତ୍ତମାନ ମଧ୍ୟ ସୀମିତ ରହିଛି | ଏହା ଆମ ପାଇଁ କ୍ଷୋଭର ବିଷୟ କଦାପି ହୋଇନାହିଁ, କାରଣ ଏହି ଗ୍ରୁପର ସଦସ୍ୟ ସଂଖ୍ୟା ବୃଦ୍ଧିକରିବା ପାଇଁ ଆମେ କେବେ ପ୍ରୟାସ କରିନାହୁଁ, ଲୋକଙ୍କୁ ଲୋଭାନ୍ବିତ କରି ଆମ ଗ୍ରୁପକୁ ଆକର୍ଷିତ କରିନାହୁଁ | ଆଜି ଏହି ଗ୍ରୁପରେ ଥିବା ସମସ୍ତ ସଦସ୍ୟ ସ୍ବେଚ୍ଛାରେ ଏହି ଗ୍ରୁପରେ ଯୋଗଦାନ ଦେଇଛନ୍ତି, ଏହିମାନେ ହିଁ ହେଉଛନ୍ତି ପ୍ରକୃତ ଓଡ଼ିଆ | ଯେଉଁମାନେ ଓଡ଼ିଆଭାଷା ଓ ସାହିତ୍ୟର ବ୍ରତୀ ହୋଇ ଆମ ଗ୍ରୁପରେ ଯୋଗଦାନ କରିଛନ୍ତି | ସେହିପରି କଥା ଓ କବିତା, କଥା କାହାଣୀ, ଆହ୍ବାନ ଓଡ଼ିଆ ବ୍ଲଗ୍ ଆଦି ଗ୍ରୁପରେ ସଦସ୍ୟ ସଂଖ୍ୟା ବହୁତ୍ ନଗଣ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ, କିନ୍ତୁ ଆମେ ଖୁସି ଯେ ଯେଉଁ ମୁଷ୍ଟିମେୟ ବନ୍ଧୁ ଆମସହ ସାମିଲ ହୋଇଛନ୍ତି ସେମାନେ ଆମ ଗ୍ରୁପ ମାନଙ୍କରେ ହେଉଥିବା ପରିଚର୍ଚ୍ଚା ମାନଙ୍କରେ ସସ୍ନେହ ଆଗ୍ରହର ସହ ଯୋଗଦାନ କରି ନିଜସ୍ବ ମତଦାନ କରୁଛନ୍ତି | ସେହିମାନେ ହିଁ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟନିୟନ୍ତା |

ମତଦାନ କଥାରୁ ବର୍ତ୍ତମାନ ମନକୁ ଆସୁଛି ଭାରତର ସାଧାରଣ ନିର୍ବାଚନ କଥା | ବିଶ୍ବର ସର୍ବଶ୍ରେଷ୍ଠ ଓ ସର୍ବବୃହତ ଗଣତନ୍ତ୍ରରେ ସରକାର ନିର୍ବାଚନ କରିବାର ଯଜ୍ଞ ଆରମ୍ଭ ହୋଇଛି | ବିଶ୍ବର ଅନ୍ୟ ସମସ୍ତ ଦେଶରେ ମୁଷ୍ଟିମେୟ ରାଜନୈତିକ ଦଳ ମଧ୍ୟରେ ନିର୍ବାଚନ

ସୀମିତ ହୋଇଥିବା ବେଳେ ଭାରତରେ ଚଳିତ ସାଧାରଣ ନିର୍ବାଚନରେ ୧୬୮୭ ଟି ରାଜନୈତିକ ଦଳ ଅଂଶଗ୍ରହଣ କରୁଛନ୍ତି | ଏଥିମଧ୍ଯରୁ ଛଅଟି ରାଷ୍ଟ୍ରୀୟ ରାଜନୈତିକ ଦଳ (କଂଗ୍ରେସ, ବିଜେପି, ଏନସିପି, ବିଏସପି, ସିପିଆଇ, ସିପିଏମ୍) ରହିଛନ୍ତି | ଆଶ୍ଚର୍ଯ୍ୟର କଥା ପ୍ରତି ନିର୍ବାଚନ ସମୟରେ ଅନେକ ଆଞ୍ଚଳିକ ଦଳ ସମେତ କିଛି ଅସଂଗଠିତ ଦଳ ମଧ୍ଯ ନିର୍ବାଚନରେ ଅଂଶଗ୍ରହଣ କରିଥାନ୍ତି | ଚଳିତ ନିର୍ବାଚନରେ ଏମିତି ଅନେକ ଦଳ ସାମିଲ ହୋଇଛନ୍ତି ଯେଉଁମାନେ ଭୋଟର ମାନଙ୍କୁ ଅନେକ ଅଦ୍ଭୂତ ପ୍ରତିଶୃତିମାନ ଦେଇଛନ୍ତି | ଗୋଟିଏ ଦଳ ପ୍ରତିଶୃତି ଦେଇଛି ଯେ ଯଦି ସେଇ ଦଳ କେନ୍ଦ୍ରରେ ସରକାର ଗଠନ କରେ ତେବେ ପ୍ରେମୀଯୁଗଳ ମାନଙ୍କୁ ବିବାହ କରିବାର ସୁଯୋଗ ଆଣିଦେବ, ଆଉ ଗୋଟିଏ ଦଳ ଦେଶରେ ଭ୍ରଷ୍ଟାଚାର ସମାପ୍ତ କରିବା ପ୍ରତିଶୃତି ଦେଇଛି, ସେହିପରି କିଏ କହୁଛି ଆମେ ଭଲ ନେତାମାନଙ୍କ ସମୁଦ୍ର ଆଣିଦେବୁ ତ ଆଉ କିଛି ଦଳ ନିରାମିଷ ଭକ୍ଷଣକୁ ରାଷ୍ଟ୍ରୀୟ ଆଚାରସଂହିତାରେ ସାମିଲ କରିବା କଥା ବି କହିଛନ୍ତି |

ସର୍ବୋପରି ସମଗ୍ର ଦେଶରେ ରାଷ୍ଟ୍ରୀୟ ଦଳମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ବନ୍ଦିତା ଦେଖିବାକୁ ମିଳୁଛି | ପ୍ରତିଦିନ କିଛି ନା କିଛି ନୂଆ ଘଟଣା ବା ଖବର ଭୋଟରମାନଙ୍କ ମନକୁ ଆନ୍ଦୋଳିତ କରୁଛି | କଂଗ୍ରେସର ଭାବୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ରାହୁଲ ଗାନ୍ଧୀ ହୁଅନ୍ତୁ ବା ଭାରତୀୟ ଜନତା ପାର୍ଟିର ନରେନ୍ଦ୍ର ମୋଦି, ସମସ୍ତେ ପରସ୍ପର ଉପରେ ଦୋଷାରୋପ ଲାଞ୍ଛନ ଆଦିର ଭରପୂର ପ୍ରୟୋଗ କରୁଥିବା ଦେଖାଦେଉଛି | ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳକୁ ବ୍ୟବହାର କରି ଆମ ଦେଶର କଥିତ ରଢ଼ୀବାଦୀ ଦଳ ବିଜେପିର ପ୍ରମୁଖ ପ୍ରାର୍ଥୀ ଶ୍ରୀ ନରେନ୍ଦ୍ର ମୋଦି ନିଜ ନିର୍ବାଚନ ପ୍ରଚାରକୁ ଆଉ କେଇ ପାଦ ଆଗକୁ ନେଇଯାଇଛନ୍ତି | ଦୋଷାରୋପ ଓ ପ୍ରତ୍ୟାରୋପର ଧାରା ଆଗାମୀ ଏକମାସ ପର୍ଯ୍ୟନ୍ତ ଚାଲୁରହିବ | ମଇ ଷୋହଳ ତାରିଖରେ ଚଳିତ ନିର୍ବାଚନର ଫଳାଫଳ ଘୋଷଣା ହେବାପରେ କେଉଁ ପ୍ରକାର ଗଣିତ ସୃଷ୍ଟିହେବ ତାହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ଦେଖାଦେଇଛି | ନିତିଦିନ ସମ୍ବାଦପତ୍ରରେ ଏବଂ ଗଣମାଧ୍ୟମରେ ଭିନ୍ନ ଭିନ୍ନ

ରାଜନୈତିକ ଦଳକୁ ସୁହାଇଲା ଭଳି ଏକ୍‌ଜିଟ୍ ପୋଲ୍ ଆଦି ପ୍ରକାଶିତ ହେବା ଫଳରେ ଲୋକମାନେ ସନ୍ଦୀହାନ ହେଇପଡୁଛନ୍ତି | ରାଷ୍ଟ୍ରକୁ ସୁଚାରୁ ରୂପରେ ଚଳାଇପାରିବା ଭଳି ବ୍ୟକ୍ତିତ୍ବ କେଉଁପରି ହେବା ଉଚିତ ତାହା ଉପରେ ଅନେକ ପରିଚର୍ଚ୍ଚାମାନ ଆୟୋଜନ ହୋଇ ସାରିଲାଣି | ତେବେ ସମସ୍ତଙ୍କ ପରି ଆମେ ମଧ୍ୟ ଅପେକ୍ଷା କରିଛୁ, ଏହି ନିର୍ବାଚନର ଫଳାଫଳ କଣ ହେବ ଦେଖିବାପାଇଁ |

ଏହି ସମୟରେ ଓଡ଼ିଶାର ବିଧାନସଭା ପାଇଁ ମଧ୍ୟ ନିର୍ବାଚନର ଆୟୋଜନ ହୋଇଛି | ବର୍ତ୍ତମାନ ଅନେକ ଜିଲ୍ଲାରେ ନିର୍ବାଚନ କିଛି ହିଂସାଘଟଣାକୁ ବାଦ୍ ଦେଲେ ସୁରୁଖୁରୁରେ ସମାପନ ହୋଇଛି | ଅବଶ୍ୟ ଓଡ଼ିଶାର ନକ୍ସଲ ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ମାଓ ହିଂସାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦିଆଯାଇ ପାରିନାହିଁ | ନିର୍ବାଚନ ରଣାଙ୍ଗନରେ ବିଜୁ ଜନତା ଦଳ ସମେତ, ଭାରତୀୟ ଜନତା ପାର୍ଟି, କଂଗ୍ରେସ, ଆମ୍ ଆଦମୀ ପାର୍ଟି, ତୃଣମୂଳ କଂଗ୍ରେସ, ସ୍ବାଧୀନ ଏବଂ ଅନେକ ଦଳର ପ୍ରାର୍ଥୀ ନିଜ ଭବିଷ୍ୟ ନିର୍ଦ୍ଧାରଣ ପାଇଁ ଆଗଭର ହୋଇଛନ୍ତି | ଶାସକ ବିଜୁ ଜନତା ଦଳ ବିଗତ ନିର୍ବାଚନ ସମୟରେ ସ୍ପଷ୍ଟ ବହୁମତ ପାଇଥିବା ବେଳେ ଏହି ନିର୍ବାଚନରେ ରାଜ୍ୟର ଖଣି ଦୁର୍ନୀତି, ରାଜ୍ୟର ଅଧୋଗତି ଆଦି ବିଭିନ୍ନ ସମସ୍ୟାକୁ ଆଧାର କରି ବିରୋଧୀମାନେ ବିଜୁ ଜନତା ଦଳକୁ ଭୋଟ ନ ଦେବାପାଇଁ ଜନସାଧାରଣଙ୍କୁ ବୁଝାଉଥିବା ଦେଖା ଦେଉଛି | ଅପର ପକ୍ଷେ ଟଙ୍କିକିଆ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା, ମଧୁବାବୁ ପେନ୍‌ସନ, ୧୦୮ ଆମ୍ବୁଲାନ୍‌ସ ବ୍ୟବସ୍ଥା, ଜନନୀ ସୁରକ୍ଷା ଯୋଜନା, ଗରିବୀ ଭତ୍ତା ଆଦି ବିଭିନ୍ନ ଯୋଜନା ମାନଙ୍କର ଉଦାହରଣ ଦେଇ ବିଜୁ ଜନତା ଦଳ ପୁଣିଥରେ ବହୁମତ ପାଇବ ବୋଲି ଆଶାବାଦୀ ହୋଇଛି |

ଆଜି ଓଡ଼ିଆ ନବବର୍ଷ ଏବଂ ପଣା ସଂକ୍ରାନ୍ତି ବା ମହା ବିଷୁବ ସଂକ୍ରାନ୍ତି | ଆଶା କରୁଛି ଆହ୍ବାନ ଆପଣ ମାନଙ୍କୁ ଭଲ ଲାଗିବ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର

ଅବସର ୮
ଅରବିନ୍ଦ ଆଚାର୍ଯ୍ୟ

ଆଖି ଖୋଲ ସିମନ୍ତିନୀ ୧୩
ଗିରିଶ ଚନ୍ଦ୍ର ପଣ୍ଡା

ମୁଁ କହିପାରେନା ୧୪
ଅନିଲ ସେଠି

ମୋ ପ୍ରେମ ୧୫
ସୁଶାନ୍ତ କୁମାର ନନ୍ଦ

ଜ୍ୟୋତ୍ସ୍ନା ୧୬
ଅନୁପମ ବେହେରା

ଶାହାନାଇ ୨୧
ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ଶେଷ ନଥିବା ଗପ ୨୨
ସୁବଳ ମହାପାତ୍ର

ଛପନ ଭୋଗ ତୋ ଭାଗ୍ୟରେ ୨୪
ତାରା ପ୍ରସାଦ ଜେନା

ପାର୍ଥକ୍ୟ ୨୫
ହିତେଶ ମହାପାତ୍ର

ସୋସିଆଲ୍ ମିଡ଼ିଆରେ ଦମ୍ପତି ୨୬
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଭଗବାନକେ ଘର ଦେର୍ ହୈ ୩୦
ହେତୁବାଦୀ ବାଲ୍ମୀକି ନାୟକ

ନିର୍ବାଚନୀ ଗୁଲିଖଟି ୩୪
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆଞ୍ଜୁଳାଏ ଚାଉଳ ୩୮
ସୁଜାତା ପ୍ରିୟମ୍ବଦା ପରିଡ଼ା

# ଅବସର



ଅରବିନ୍ଦ ଆଚାର୍ଯ୍ୟ

ଏଥରକୁ ମିଶାଇ ପ୍ରାୟ ପାଞ୍ଚଥର ଅଫିସକୁ ବାହାରିଲେଣି କମଳ ଲୋଚନ | କିନ୍ତୁ ପ୍ରତିଥର ଶ୍ରୀମତି ଦେବୀଙ୍କର କିଛି ନା କିଛି ଘରୁଆ କାମ ମନେ ପଡୁଛି ଆଉ ଅନ୍ୟ କାମରେ ବ୍ୟସ୍ତ ରହି ଯାଉଛନ୍ତି | ତାଙ୍କର ଚାକିରିକାଳ ମଧ୍ୟରେ କେବେ ଏମିତି ଡେରି ହେଇନି, କିନ୍ତୁ ଆଜି ତାଙ୍କ ପାଇଁ ଖାସ୍ ଆୟୋଜିତ ହେଉଥିବା ବିଦାୟ ସମ୍ବର୍ଦ୍ଧନା ସଭାରେ ବୋଧେ ଠିକ୍ ସମୟରେ ଯୋଗଦେଇ ପାରିବେ ନାହିଁ | ମନଟା ଆମ୍ବିଳା ହୋଇଯାଉଥିଲା ତାଙ୍କର | ମନେ ମନେ ଶ୍ରୀମତିଙ୍କ ଉପରେ ଚିଡ଼ି ଉଠୁଥିଲେ | ଶେଷରେ ଆଉ ସମ୍ଭାଳିନପାରି କହିଲେ-

'ହଉ, ଏଥର ମୁଁ ଅଫିସକୁ ଯାଏଁ | ନା, ଆହୁରି କାମ କରିବାକୁ ବାକି ରହିଲା? ମଣିଷ ସକାଳୁ ପାଞ୍ଚଥର ବାହାରିଲାଣି ଘରୁ ଟିକେ ବି ଆଗକୁ ଯାଇପାରିଲା ନାଇଁ |'

ଶ୍ରୀମତି ଦେବୀ ମଧ୍ୟ ତତ୍ତୋଧିକ ଚଢ଼ା ଗଳାରେ କହିଉଠିଲେ -

'ଏମିତି ଫଁ ଫଁ କିଆଁ ହେଉଛ ବା? ସବୁ ଜିନିଷ ନେଇ ଘରକୁ ଗଲେ ଏମିତି ସବୁକଥା ବୁଝିବାକୁ ପଡ଼େ ବୋଲି ଜାଣିନ କି ?'

-'ଦୁନିଆରେ ଆଉ କେହି ରିଟାୟାର୍ ହେଉଛନ୍ତି ନା କେବଳ ମୁଁ ହେଉଛି ? ଦିଅ ଦିଅ ଶୀଘ୍ର କିଛି ଖାଇବାକୁ ଦିଅ ମୁଁ ଅଫିସ ଯାଏଁ | ତେଣେ ସମସ୍ତେ ମୋତେ ଅପେକ୍ଷା କରିଥିବେ |'

-' ସେ ପାଖରେ ଯୋଉ ଜିନିଷ ସବୁ ଅଛି ସେ ସବୁ ବାନ୍ଧିଦେଇ ଆସ ମୁଁ ବାଢ଼ି ଦେଉଛି |'

ଏତିକି କହି ଶ୍ରୀମତିଦେବୀ ଘର ଭିତରକୁ ଗଲେ | ଖାନା ବଢ଼ାଗଲା | ତରତର ହେଇ କାନରେ ନାକରେ କଣ ଦି'ଟା ପୁରେଇ ଦେଇ ସାଇକେଲ୍ ମାରିଲେ କମଳଲୋଚନ ବାବୁ ସିଧା ଅଫିସକୁ |

ଏଣେ ଅଫିସରେ ତାଙ୍କପାଇଁ ବିଦାୟ ସଭାର ଆୟୋଜନ ଚୂଡ଼ାନ୍ତ ହୋଇସାରିଥିଲା | ଜିଲ୍ଲାପାଳଙ୍କ ଅଫିସର ବଡ଼ବାବୁ ସିଏ | ତେଣୁ ଜିଲ୍ଲାପାଳ ଓ ତାଙ୍କର ଅଧୀନସ୍ଥ ଅଫିସର,

ସହକାରୀ ନିଜ ନିଜ ଜାଗାରେ ବସିଥିଲେ | ବଡ଼ବାବୁ କମଳଲୋଚନ ଅବସର ନେଉଛନ୍ତି | ତାଙ୍କ ସମ୍ମାନାର୍ଥେ ଏଇ ସଭାର ଆୟୋଜନ | ଗୋଟିଏ ଆଟାଚି ଭିତରେ ଦାମୀ ପୋଷାକ, ଘଣ୍ଟା ଓ ଟର୍ଚ୍ଚ ରଖାଯାଇଛି | କଲେକ୍ଟରଙ୍କ ଗାଡ଼ିଯାଇ ଆଜି ତାଙ୍କୁ ଛାଡ଼ି ଦେଇ ଆସିବ ତାଙ୍କ ଗାଁରେ | ଏତେ ବର୍ଷର ଚାକିରୀ କାଳ ଭିତରେ ତାଙ୍କ ନିଷ୍ଠା ଆଉ ପରିଶ୍ରମ କଥା ସମସ୍ତେ ଆଲୋଚନା କରୁଥାନ୍ତି | ତାଙ୍କ ନିଷ୍ଠା ଆଉ ପରିଶ୍ରମ ତୁଳନାରେ ଏ ଯେଉଁ ଉପହାର କିଛି ନୁହେଁ ବୋଲି କୁହାକୁହି ହେଉଥାନ୍ତି |

ଦି ଦିଟା ପିଲାକୁ ମଣିଷ କରିଛନ୍ତି | ଦୁହେଁ ଉଚ୍ଚପଦରେ ଅଧିଷ୍ଠିତ ତେଣୁ ତାଙ୍କ ମନରେ ଚିନ୍ତା ନାହିଁ | ଚାକିରୀ ଜୀବନରେ କେତେ ଯେ କାହାକୁ ସାହାଯ୍ୟ କରିଛନ୍ତି ତା'ର ହିସାବ କଲେ ଦିନ ସରିବ ସିନା କଥା ସରିବନି | କିନ୍ତୁ ନିଜପାଇଁ ଭଲ ଘର ଖଣ୍ଡେ କି ଗାଡ଼ି ଖଣ୍ଡେ ବି କିଣିନାହାନ୍ତି | ସେଇ ପୁରୁଣା ରାଲେ ସାଇକେଲଟି ଧରି ସବୁଦିନ ଠିକ୍ ସମୟରେ ଅଫିସରେ ଆସି ପହଞ୍ଚିଯାଆନ୍ତି ତାଙ୍କର ସେଇ ସବୁଜ ସାର୍ଟ୍ ଆଉ କଳା ପେଣ୍ଟଟି ପିନ୍ଧି | ଦୂରରୁ ଲୋକେ ତାଙ୍କ ସାର୍ଟ ଦେଖି ଚିହ୍ନିପାରନ୍ତି | ଅଫିସରେ ସମସ୍ତଙ୍କର ନୂଆ ସାର୍ଟପେଣ୍ଟ ହେଉଥିଲା ବେଳେ ତାଙ୍କର ସାର୍ଟପେଣ୍ଟର ରଙ୍ଗ କିନ୍ତୁ ବଦଳୁ ନଥାଏ | ବେଳେ ବେଳେ ଜିଲ୍ଲାପାଳ ଥଟ୍ଟାରେ କହନ୍ତି - 'କଣ ବଡ଼ବାବୁ, ଘରେ ଆଉ କେତେହଳ ସବୁଜ ସାର୍ଟ ଆଉ କଳା ପେଣ୍ଟ୍ ରଖିଛନ୍ତି ? ସବୁଦିନ ସେଇ ଏକା? ହଇହୋ, ଦୁନିଆରେ ସବୁ ବଦଳିଗଲେ ବି ତୁମ ସାର୍ଟର ରଙ୍ଗ ବଦଳିବନି ନା କଣ? ଭଲ ଡ୍ରେସ୍ ହଳେ କର, ଭଲ ଘଣ୍ଟା ଖଣ୍ଡେ ହାତରେ ପିନ୍ଧ |'

ଯେତେ କହିଲେ ବି ସେ କିଛି ଖରାପ ମାନନ୍ତି ନାହିଁ, ନିଜ କାମରେ ସବୁବେଳେ ବ୍ୟସ୍ତ | କେବଳ ଟିକେ ହସିଦିଅନ୍ତି | ଜିଲ୍ଲାପାଳଙ୍କ ଅଫିସରେ କାମ କରନ୍ତି ସିନା, କିନ୍ତୁ ଜିଲ୍ଲାପାଳଙ୍କ ଘରର ସବୁ କାମପାଇଁ କମଳଲୋଚନଙ୍କୁ ହିଁ ଡକା ହୁଏ, ଛୁଞ୍ଚିଠୁ ଛାଞ୍ଚୁଣୀ ସବୁଠି ବଡ଼ବାବୁ ହିଁ ସାହା | ଜିଲ୍ଲାପାଳଙ୍କ କୁକୁରକୁ ଡାକ୍ତରଙ୍କ ପାଖକୁ ନେବା ବି ବଡ଼ବାବୁଙ୍କ କାମ | ମ୍ୟାଡ଼ାମଙ୍କର ବଡ଼ ପ୍ରିୟ କୁକୁର | ଯେହେତୁ ମ୍ୟାଡ଼ାମ ଜିଲ୍ଲାପାଳଙ୍କ ଅତିପ୍ରିୟ, ତେଣୁ ସେ

ହିସାବରେ କୁକୁରଟି ଜିଲ୍ଲାପାଳଙ୍କ ଅତିପ୍ରିୟ ହେବା ସ୍ୱାଭାବିକ | ତେଣୁ କୁକୁର ଦେଖିଲେ ନାକ ଟେକୁଥିବା ବଡ଼ବାବୁ କିନ୍ତୁ ଜିଲ୍ଲାପାଳଙ୍କ କୁକୁରର ସେବାରେ କୌଣସି ଅବହେଳା କରନ୍ତି ନାହିଁ | ସେଇଥିପାଇଁ ଅଫିସରେ ତାଙ୍କର ଆଦର ଅନେକ | ଗୋଟିଏ କଥା ସମସ୍ତେ ନିର୍ବିରୋଧ କହିପକାନ୍ତି, 'ଯାହା ବଡ଼ବାବୁ କରିପାରିବେନି, ସେମିତି କିଛି କାମ ନାହିଁ | ବଡ଼ବାବୁଙ୍କ ପରି ପାରିବାର ଲୋକ ମିଳିବା ଅସମ୍ଭବ |' ସମୟ ଅସମୟ ସବୁବେଳେ ସେ ସାହା | ସେଇଥିପାଇଁ ଅନେକ କର୍ମଚାରୀ ନିଜ କାମବୋଝ ବଡ଼ବାବୁଙ୍କୁ ଦେଇ ଚାଲିଯାଆନ୍ତି, ଆଉ ବଡ଼ବାବୁ ଅଧରାତି ଯାଏଁ ଅଫିସରେ ବସି ସବୁ କରୁଥାନ୍ତି | ତେଣେ ଘରକୁ ଫେରିଲା ବେଳକୁ ଶ୍ରୀମତି ରାଗି ଲାଲ | ହେଲେ ଶ୍ରୀମତିଙ୍କ ଗାଳି ବୋଧହୁଏ ବାବୁଙ୍କ କାନରେ ପଶେନି, କିମ୍ବା ଏତେ ବର୍ଷ ପରେ ସେ ଗାଳି ପ୍ରତିରୋଧକ ହୋଇଗଲେଣି | ରାତିରେ ଅନ୍ଧାରରେ ଏକା ଏକା ଫେରନ୍ତି, କେବେ ଟର୍ଚ୍ଚଟେ ବି ସାଥିରେ ନିଅନ୍ତି ନାହିଁ | ଏଇ ସବୁ କଥା ଜିଲ୍ଲାପାଳ ଦେଖିଥିବେ ଆଉ ଖବର ରଖିଥିବେ ନିଶ୍ଚୟ, ସେଇଥିପାଇଁ ଚାକିରୀ ସରିବାପରେ ସେ ନିଜେ ଆଦେଶ ଦେଇ ନୂଆ ଆଟାଚିରେ ଭଲ ଡ୍ରେସ୍, ଟର୍ଚ୍ଚ ଆଉ ଘଣ୍ଟା ରଖିବାପାଇଁ ତାଗିଦ କରିଦେଇଥିଲେ | ଏମିତି କର୍ମଚାରୀକୁ ପାଇବା କଣ ସାମାନ୍ୟ କଥା? ଧନ୍ୟ କହିବ ଜିଲ୍ଲାପାଳଙ୍କ ବିଚାରକୁ | ସେ ହିଁ କହିଥିଲେ ଯେ ନିଜ ସରକାରୀ ଗାଡ଼ିରେ ବଡ଼ବାବୁଙ୍କୁ ତାଙ୍କ ଗାଁରେ ଛାଡ଼ିବା ବ୍ୟବସ୍ଥା କରାଯାଉ |

ଅଫିସ ଆଡ଼କୁ ସାଇକେଲ୍ ଚଳେଇ ଯାଉଛନ୍ତି ବଡ଼ବାବୁ | ଏମିତି ଅନେକ କଥା ତାଙ୍କ ମନରେ ଉଙ୍କି ମାରୁଛି | ମାଟି ମୋରମ ରାସ୍ତା ଛାଡ଼ି ସେ କଳାପିଚୁ ରାସ୍ତାରେ ଅନେକ ବାଟ ଆସିଲେଣି | ଆଉ ଅଳ୍ପବାଟ କଲେ ଜିଲ୍ଲାପାଳଙ୍କ ବାସଗୃହ ଏବଂ ଏହାପରେ ଅଫିସ | ସେ ଟିକେ ଅନ୍ୟମନସ୍କ ହୋଇ ଉଠୁଥିଲେ ଏଇ ସମୟରେ ହଠାତ୍ ପଛରୁ ମାଡ଼ି ଆସିଥିଲା ଗୋଟିଏ ଟ୍ରକ୍ |

ଏଣେ ସଭାକାମ ଆରମ୍ଭ ହେବାର ଅଧଘଣ୍ଟା ବିଳମ୍ବ ହେଲାଣି | ଜିଲ୍ଲାପାଳଙ୍କ ଅନେକ କାମ ଅଛି | ସେ ଖାଲି ଉଠ୍ ବସ ହେଉଛନ୍ତି | କିନ୍ତୁ ବଡ଼ବାବୁଙ୍କ ସମ୍ମାନାର୍ଥେ ହେଉଥିବା ଏଇ

ସଭାକୁ ଅଧାରେ ଛାଡ଼ିଦେଇ ଯିବାପରି ସାହାସ କରିପାରୁନାହାନ୍ତି | ବଡ଼ବାବୁ ଅନେକ ବଡ଼ ବଡ଼ ସମସ୍ୟା ସମୟରେ ଜିଲ୍ଲାପାଳଙ୍କୁ ଉଚିତ ପଦକ୍ଷେପ ସବୁ ନେବାରେ ସହାୟକ ହୋଇଛନ୍ତି | ତାଙ୍କର ଚାକିରୀ କାଳ ସରିଗଲା ବୋଲି କଣ ତାଙ୍କ ସମସ୍ତ ଉପକାର ଭୁଲିଯିବେ ? କିନ୍ତୁ ବଡ଼ବାବୁ କେବେ ବିଳମ୍ବ କରିବାର ନଜିର ନାହିଁ | ଆଜି କାହିଁକି ଏତେ ବିଳମ୍ବ? କଣ କିଛି ଅଘଟଣ ଘଟିଲାକି ବୋଲି ଜିଲ୍ଲାପାଳଙ୍କ ମନକୁ ପାପ ଛୁଇଁଲା | କିନ୍ତୁ ସେ ପର ମୁହୂର୍ତ୍ତରେ ନିଜକୁ ସଜାଡ଼ି ନେଲେ, କାରଣ ସେ ଜାଣିଛନ୍ତି ବଡ଼ବାବୁ ଭାରି ସାବଧାନ ଲୋକ |

ଏଇ ସମୟରେ ଜିଲ୍ଲାପାଳଙ୍କ ବାସଭବନରୁ କେହିଜଣେ ଆସି ଚିଠି ଖଣ୍ଡେ ଜିଲ୍ଲାପାଳଙ୍କ ହାତକୁ ବଢ଼େଇ ଦେଲା | ଜିଲ୍ଲାପାଳ ଅନ୍ୟମନସ୍କଭାବେ ସେ ଚିଠିକୁ ଖୋଲିଲେ-

ହେଇଟି ଶୁଣୁଚ !

ଆମରି ଘର ସାମ୍ନାରେ ଆମ ଟମିକୁ ଦଳି ପକେଇଲେ | ତା'ର ବେକ ହାଡ଼ ଭାଙ୍ଗିଯାଇଛି | ତୁମେ ଶୀଘ୍ର ଆସ | ତୁମ ବଡ଼ବାବୁ ଏଇ କାଣ୍ଡ କରିଛନ୍ତି | ସାଇକେଲଟା ପୁରା ଆମ ଟମିର ମୁଣ୍ଡରେ ଚଢ଼ିଯାଇଛି | ସେଥିପାଇଁ ସେ ନିଜେ ତାକୁ ଡାକ୍ତରଖାନା ନେଇ ଯାଇଛନ୍ତି | ମୋ ମନଟା କଣ ହେଇଯାଉଛି | ତୁମେ ଗାଡ଼ି ଧରି ଆସିଲେ ଆମେ ସାଥି ହୋଇ ଟିକେ ପଶୁଡାକ୍ତରଖାନା ଯାଆନ୍ତେନି? ଶୀଘ୍ର ଆସିବ | ରହୁଛି |

ତୁମର କାଦମ୍ବିନୀ

ଜିଲ୍ଲାପାଳଙ୍କ ମୁଣ୍ଡ ଗୋଳମାଳ ହୋଇଯାଇଥିଲା | କଣ କରିବେ କିଛି ଚିନ୍ତା କରିପାରୁନଥିଲେ | ସଭାରେ ସବୁ ନିରବରେ ବସିଛନ୍ତି | ସେ ନିଜ ପାଖରେ ବସିଥିବା ସହକାରୀ କର୍ମଚାରୀର କାନରେ ଧିରେ କରି କହିଲେ, 'ମୁଁ ଟିକେ ବସାରୁ ଆସୁଛି | ଆପଣମାନେ ବସିଥାନ୍ତୁ | ବଡ଼ବାବୁ ଆସିଲେ ଛାଡ଼ିବେନି | ମୁଁ ଏ କ୍ଷଣି ଆସୁଛି |'

ଜିଲ୍ଲାପାଳଙ୍କ ଗାଡ଼ି ଡାକ୍ତରଖାନା ଭିତରକୁ ପଶିଲା, ଡାକ୍ତରବାବୁ ନିଜେ ଧାଇଁ ଆସିଲେ, ଜିଲ୍ଲାପାଳଙ୍କୁ ନେଇ ବସେଇଦେଇ କୁକୁରକୁ ନେଇ ଆସିଲେ | ପ୍ଲାଷ୍ଟର ପଡ଼ିଥିଲା | କୁକୁରକୁ

ଦେଖୁ ଦେଖୁ ଜିଲ୍ଲାପାଳଙ୍କ ମେଡ଼ମ ନିଜ କୋଳକୁ ନେଇଗଲେ | ଜିଲ୍ଲାପାଳ ଡାକ୍ତରଙ୍କୁ ଚାହିଁ ପଚାରିଲେ, 'ଆମ ବଡ଼ବାବୁ ?'

ଡାକ୍ତର ମୁଣ୍ଡ ନୋଇ କହିଲେ, 'ବଡ଼ବାବୁ ଚେତା ହରେଇ ପଡ଼ିଗଲେ, ସେ ବାରଣ୍ଡାରେ ଶୋଇପଡ଼ିଛନ୍ତି |' ଜିଲ୍ଲାପାଳ ନିଜ ଚେୟାରରୁ ଉଠି ସେପାଖକୁ ଯିବାକୁ ବାହାରୁଥିଲେ, ମ୍ୟାଡ଼ାମ୍ ହାତଧରି ଅଟକାଇ ଦେଇ କହିଲେ, 'ଚାଲ ଘରକୁ ଯିବା | ମୋତେ ସେ ଲୋକକୁ ଦେଖିବାର ନାଇଁ |' ଜିଲ୍ଲାପାଳ ମୁହଁ ମୋଡ଼ି ଚାଲି ଯାଉଥିଲେ | କମଳଲୋଚନ ବାବୁ ବାରଣ୍ଡାରେ ଶୋଇ ଶୋଇ ସବୁ ଦେଖୁଥିଲେ....

# ଆଖି ଖୋଲ ସିମନ୍ତିନୀ



ଗିରିଶ ଚନ୍ଦ୍ର ପଣ୍ଡା

ସିମନ୍ତିନୀ ଯେବେ ମନର ଉତ୍ତାଳେ ହରାଏ ନିଜର ଚେତା
ବୁଝି ପାରେନାହିଁ ଭଲମନ୍ଦ କିଛି ଭାବେ ଚାଲିଥିବ ଏକା ।
ଆଭୁଷଣ(ଲାଜ) ତେଜି ଏରୁଣ୍ଡି ଲଙ୍ଘଇ ସଂସାର ଦିଶଇ ଫିକା
ସ୍ବାମୀ ସ୍ନେହ ଲାଗେ ବିଦ୍ରୂପ ପରାୟ ସନ୍ତାନ ଲାଗନ୍ତି ବୋଝା ।
ହାତେ ଗଢ଼ିଥିବା ସୁନା ସଂସାରକୁ କରୁଥାଏ ନୀତି ହତ୍ୟା
ମାନ ଅଭିମାନ ମୂଲ୍ୟହୀନ ଆଜି ପରିବାର ଲାଗେ ପିତା ।
ଦାମ୍ପତ୍ୟ ଜୀବନ କାରଗାର ସମ, ଖୋଜି ବୁଲେ ନୂଆ ସଖା
ଆତ୍ମାକୁ ମାରି, ହାଟରେ ବାଟରେ ମାଗେ ନିଜ ଆତ୍ମସତ୍ତା ।
ଆଧୁନିକ ନାମେ ସଂଭ୍ରମତା ଛାଡ଼େ ଖୋଲେ ଦେହର ପସରା
ପରପୁରୁଷର ଚାଟୁବାଣୀ ସବୁ,  ଲଗେ ଭାରି ମିଠା ମିଠା ।
ମନର ତାତିରେ ଦାଣ୍ଡରେ ଦୌଡ଼େ ଲଭିବାକୁ ଶିତଳତା
ହାତପହାନ୍ତାର ଚାନ୍ଦକୁ ଉପେକ୍ଷି, ପ୍ରତିବିମ୍ବେ କରେ ଆଶା ।

ଉତ୍ତାଳ ହେଜି ତା' ସୁନ୍ଦର ମନକୁ ଯଦି ସେ ପାରିବ ଦେଖି
ତେବେ ସେ ଜାଣିବ ଏ ସଂସାରେ ସେଇ ଏକା ଅଧିଶ୍ବରୀ ।
ଶୂନ୍ୟ ନୁହେଁ ତା ହୃଦ କନ୍ଦର ଭରା ପ୍ରେମ ଅସୁମାରୀ
ସୃଷ୍ଟିର ସେ ନିଆରା ସମ୍ଭାର କିଏ ହେବ ତାର ସରି !
ସବୁ ଅଛି ଏଠି ଲୋଡ଼ା ନାହିଁ କିଛି ହୁଏ ମିଛରେ ଦରାଣ୍ଡି
ନୁହେଁ ଦୋଚାରୁଣୀ ପୁଣ୍ୟତୋୟା ସିଏ କୁହୁକ କରେ ବାତୁଳୀ ।
ମରୁଦ୍ୟାନ ନୁହେଁ ମରିଚିକା ମାୟା, ଆଖି ଠାରେ ନାଗଫେଣୀ
ମରୁର ତତଲା ବାଲି, ଜାଳି ଦେବ ସିନା ମିଳିବନି ପୁଷ୍କରିଣୀ ।
ଦୁଷ୍ଟା ପିସାଚୀ କବଳିତା ହୋଇ ପାରେନା ପରଖି ଅନିତୀ-ନିତୀ
ବୁଝି ଗଲେ ଏବେ ବେଳ ଥାଉଁ ଭଲେ ଡେରି କଲେ ଯିବ ସରି ।
ତନ୍ଦ୍ରା ଏଡ଼ାଇ ଆଖି ଖୋଲ ସିମନ୍ତିନି!

# ମୁଁ କହିପାରେନା


ଅନିଲ୍ ସେଠି

ତୁମକୁ ପ୍ରିୟା ଭଲପାଏ କେତେ ସେ କଥାକୁ ମୁଁ କହିପାରେନା
ଲାଗେ ଡର କାଳେ ତୁମେ ଭୁଲବୁଝି ଛାଡି ଚାଲିଯିବ ଦେଇ ପ୍ରତାରଣା
ଦୁର ପାହାଡ ଯେମିତି ଆକାଶ ଛୁଇଁ ବି ଛୁଇଁ ପାରେନା,
ତୁମକୁ ଆଜି ପାଖରେ ପାଇକି ବି ମନର କଥାକୁ ମୁଁ କହିପାରେନା ||

ତୁମେ ଚାଲିଯିବା ବାଟରେ ଫୁଟିଯାଏ କେତେ ପଦ୍ମର ପାଖୁଡା
ବରଷା ନ ହୋଇ ବି ମୟୁର ନାଚିଯାଏ ଦେଖି ତୁମ ଚେହେରା ,
ତୁମ ପ୍ରେମରେ ପଡିଥିବା ଠିକଣା ହଜା ପ୍ରେମିକଟିଏ ଲାଗେ ସବୁ ବାଟ ଅଜଣା
ତଥାପିଭଲଲାଗେ ତୁମ ପଛେ ପଛେ ଯିବାକୁ ଖୋଜି ଖୋଜି ତୁମ ଠିକଣା ||
ଜାଣେ ନାହିଁ ତୁମ ମନରେ ମୋ ପାଇଁ କଣ ଅଛି ଭାବନା
ହେଲେ ତୁମ ବିନା ମୋ ଜୀବନ ଲାଗେ ଆଜି ଅଚିହ୍ନା
ଆଜି ମୋ ହୃଦୟରେ ତୁମେ, ଆଉ ମୋ ଓଠରେ କେବଳ ତୁମରି ନାଁ
ହେଲେ ତୁମେ ମୋ ପାଖରେ ଥାଇ ବି ସେ କଥାକୁ ବୁଝି ପାରନା ,
ଆଶା ଅଛି ପ୍ରିୟା ତୁମେ ବୁଝିବ, ଦିନେ ମୋ ହୃଦୟର ବେଦନା
ହେଲେ ସେତେବେଳେ ତୁମ ପାଖରେ ଥିବିକି ନାହିଁ ,
ସେକଥା ମୁଁ ଜାଣେନା ||

# ମୋ ପ୍ରେମ



ସୁଶାନ୍ତ କୁମାର ନନ୍ଦ

ଯାହାକୁ ମୁଁ ଭଲ ପାଏ
ତାକୁ କହି ପାରେନା,
କେମିତି ମୁଁ କହିବି ଯେ
କିଛି ବୁଝି ପାରେନା |
ସପନରେ ଦେଖା ହୁଏ
ନିତି ତାର ସାଥିରେ
ମିଠା ମିଠା କଥା ହୁଏ
ବସି ମୋର ପାଖରେ |
ସପନଟା ସରିଗଲେ
ଆଉ ଦେଖା ଦିଏନା,
ଯାହାକୁ ମୁଁ ଭଲପାଏ
ତାକୁ କହି ପାରେନା |
ସବୁବେଳେ ତାକୁ ଖାଲି
ମୁହିଁ ଝୁରି ହେଉଛି,
ଜାଣେନା ବି ସିଏ ମୋତେ
କେତେ ଭଲ ପାଉଚି |
କେତେ ଥର ତା ପାଖକୁ
ଚିଠି ଲେଖି ବସିଛି,
କେମିତି ମୁଁ ଲେଖିବି ତ
ବସି ବସି ଭାବୁଛି |
ହେଲେ ଶେଷେ ଉଠିଯାଏ
ଜମା ଲେଖି ପାରେନା,
ଯାହାକୁ ମୁଁ ଭଲପାରେ
ତାକୁ କହି ପାରେନା |

# ଜ୍ୟୋତ୍ସ୍ନା



ଅନୁପମ ବେହେରା

-୧-

"ପୁଅ ଦେଖିଲୁ କିଏ ଫୋନ୍ କରିଛି ।" ବୋଉ ପୂଜାଘରୁ କହିଲା ।

-ହ୍ୟାଲୋ ।

-ହ୍ୟାଲୋ । କିଏ ପପୁ କିରେ ?

-ହଁ । ଆପଣ କିଏ କହୁଛନ୍ତି?

- ମୁଁ ଜ୍ୟୋତ୍ସ୍ନାର ମା' କହୁଛି । ବୋଉକୁ ଟିକେ ଫୋନଟା ଦିଅ ।

ଜ୍ୟୋତ୍ସ୍ନା । ଏତେ ଦିନ ପରେ ସେ ନାଁଟା ଶୁଣି କେମିତି କେମିତି ଗୋଟେ ଲାଗିଲା । ଭାସିଉଠିଲା ଆଖି ସାମ୍ନାରେ ତା' ସହ ବିତେଇଥିବା ସେ ସୁନେଲି ମୂହୂର୍ତ୍ତଗୁଡାକ ।

ମୁଁ ଫ୍ଲାସବ୍ୟାକକୁ ଏଣ୍ଟ୍ରି ମାରିବାକୁ ଯାଉଥାଏ ଏତିକିବେଳେ...

-କିଏ ଫୋନ୍ କରିଛି । ବୋଉ ପଚାରିଲା ।

ବୋଉର ଡାକରେ ମୁଁ ବର୍ତ୍ତମାନକୁ ଫେରିଆସିଲି ।

-ଜ୍ୟୋତ୍ସ୍ନାର ମାଆ ।

ବୋଉ ମୋ ହାତରୁ ରିସିଭରଟା ନେଲା ।

-ହ୍ୟାଲୋ ।

ମୁଁ ବସିପଡିଲି ସୋଫା ଉପରେ । ଆଉ ହଜିଗଲି ଅତୀତର ସେ ସୁନେଲି ସ୍ମୃତିଗୁଡାକ ଭିତରେ ।

ପୂଜାଛୁଟିରେ ଆମେ ସମସ୍ତେ ଯାଇଥାଉ ମାମୁଁଘରକୁ । ସନ୍ଧ୍ୟାରେ ବୋଉ ସାଥିରେ ବୁଲିଗଲାବେଳେ ଜ୍ୟୋତ୍ସ୍ନାର ମା' ଦେଖାହୁଅନ୍ତି । ତାଙ୍କ ଘରକୁ ଯାଇ କଥାହେଲା ଭିତରେ ଜ୍ୟୋତ୍ସ୍ନାର କଥା ପଡେ । ତା'ର ସେ ବର୍ଷ +୨ ପରୀକ୍ଷା ଥାଏ । ସେ ଭାରି ଚିନ୍ତିତ ଥା'ନ୍ତି ତା ପଢାକୁ ନେଇ । ବୋଉ ମୋତେ କହେ, "ତୁ ଟିକେ ପଢେଇଦଉନୁ ।" ମୁଁ ହଁ ଭରେ ।

-"କାଲି ସକାଳୁ ତା'କୁ କହିବ ଆସିବାକୁ ।" ବୋଉ କହିଲା ।

ତା ମା ଖୁସିରେ ହଁ ଭରିଲେ ।

-"ଆରେ, ଯାହା ପାଇଁ ଏତେ ଚିନ୍ତା ସେ କୁଆଡେ ଗଲା ।" ବୋଉ ପଚାରିଲା ।

-"ସେ ପଡିଶା ଘରକୁ ଯାଇଛି ।" ତା' ମା' ଉତ୍ତର ଦେଲେ ।

-୨-

-"ଆରେ ଉଠ ।" ବୋଉ ମତେ ଉଠେଇବାକୁ ଚେଷ୍ଟା କରୁଥିଲା ।

-"ରହ । କେତେଟା ହେଲାଣି ? ଆଉ ଟିକେ ଶୋଇବାକୁ ଦେ । ଘରେ ତ ଶୋଇବାକୁ ଦେଉନୁ ।

ମାମୁଁଘରେ ବି ସେଇଆ | ମାଇଁ... |" ମୁଁ ନିଦରେ କହିଲି

-"ବାବୁ ତୁମ ମାଡାମ୍ ପରା ଆସି ଅପେକ୍ଷା କରିଛନ୍ତି | ସେ କ'ଣ ଭାବିବେ କହିଲ | ଉଠ ଉଠ |" ମାଇଁ ହସି ହସି କହିଲେ |

"ଆରେ ମାଇଁ ମୁଁ ତାକୁ ଭଲ ପାଉନି | ସେ ହିଁ ମୋତେ ଆଗ ପ୍ରପୋଜ୍ କରିଥିଲା |" ମୁଁ ନିଦରେ ଥାଇ କହିଲି |

"କ'ଣ ନିଦରେ ବିଳିବିଳେଇ ହଉଛ | ଜ୍ୟୋସ୍ନା ଆସିଛି | ଜଲଦି ରେଡି ହେଇକି ଯାଅ | ତାକୁ ପଢେଇବ |" ମାଇଁ କହିଲେ |

ନିଦଟା ମୋର ଚାଉଁକିନା ଭାଙ୍ଗିଗଲା |

ମୁଁ ଧଡପଡ ହେଇ ଉଠି ବାଥରୁମକୁ ଗଲି |

-୩-

-"ମାଇଁ ଖାଇବାକୁ ତ ଦିଅ |"

-"ବୁଝିଲ ପପୁ, ଆଜି କାଲିକା ଝିଅଙ୍କ କଥା ନ କହିଲେ ଭଲ |" ମାଇଁ କହିଲେ

-"କାହିଁ କଣ ହେଲା କି ?" ମୁଁ ପଚାରିଲି |

-"ଆଉ ନ ହେଲେ ଆମର ଏତେ ହ୍ୟାଣ୍ଡସମ୍ ଭଣଜାକୁ..."

-"ବୁଝିଗଲି ମାଇଁ | ଆଉ କିଛି କହିବା ଦରକାର ନାହିଁ | ସେ ଜ୍ୟୋସ୍ନା କଉଠି |"

-"ଛାତ ଉପରେ |"

-"ହଉ | ମୋ ପାଖକୁ ଖାଇବା ପଠେଇଦିଅ | ମୁଁ ଚାଲିଲି |"

-"ଆରେ ବ୍ୟସ୍ତ କାହିଁକି ହଉଛ | ସେ କୁଆଡେ ପଳେଇଯିବନି ମ |" ମାଇଁ ଥଟ୍ଟା କରି କହିଲେ |

-"ହଉ ଦିଅ ଖାଇବାକୁ |"

-୪-

ମୁଁ ଖାଇଦେଇ ଛାତ ଉପରକୁ ଗଲି | ଉପରେ କେହି ନ ଥିଲେ | ସପଟା ପଡିଥିଲା | ବହିଖାତାର ପୃଷ୍ଠାଗୁଡା ସେମିତି ପବନରେ ବେପରୁଆ ଭାବରେ ଉଡୁଥିଲେ |

"କୁଆଡେ ଗଲା |" ମନେ ମନେ ଭାବିଲି |

ବୋଧେ ଶିଡିଘର ପଛପଟେ ଥିବ | ମୁଁ ଶିଡିଘର ପଛପଟକୁ ଯାଇ ଦେଖେ ତ ସେ ପ୍ରଜାପତିଟିକୁ ଧରିବାକୁ ଚେଷ୍ଟା କରୁଛି |

ମୁଁ କିଛି ସମୟ ସେଇଠି ଠିଆ ହେଇ ଦେଖିଲି ତା' ହାଲକା ପବନରେ ଦୋଳି ଖେଳୁଥିବା ଖୋଲା କେଶକୁ

|

-ତମେ କେତେବେଳୁ ଆସିଲନି ?

ସେ ମୋ ହାତକୁ ଚିମୁଟି ଦେଲା |

-ଆଃ...

-ସରି | ମୁଁ ସେତେବେଳୁ ପଚାରୁଛି କେତେବେଳୁ ଆସିଲଣି ବୋଲି ତୁମେ ତ କିଛି କହୁନ | ସେଥିପାଇଁ ମୁଁ ଚିମୁଟିଦେଲି |

- ଏବେ ଜଷ୍ଟ ଆସିଲି |

- ଗର୍ଲ ଫ୍ରେଣ୍ଡ କଥା ଭାବୁଥିଲ କି?

-ପାଠ ପଢିବା ??

ସେ ଆଉ କିଛି ନ କହି ଚୁପଚାପ୍ ଯାଇ ସପ ଉପରେ ବସି ପଡିଲା ଓ ଫିଜିକ୍ସ ପଢିବାକୁ ଲାଗିଲା |

-ତୁମେ ପଢ | କିଛି ନ ବୁଝିପାରିଲେ ପଚାରିବ |

କିଛି ବି କହିଲାନି ସେ | ମୁଁହ ତଳକୁ ପୋତି ପଢୁଥାଏ |

-ଜ୍ୟୋସ୍ନା |

ତଥାପି କିଛି ଉତ୍ତର ନାହିଁ |

- ଜ୍ୟୋସ୍ନା ସରି |

ସେ ଚୁପଚାପ ଉଠି ଚାଲିଗଲା |

ପରଦିନ ସେମିତି ଆସିଲା, ପଢିଲା ଓ ଚାଲିଗଲା | ମୋ ସହ ପ୍ରଥମ ଦିନ ଭଳି କଥା ହେଲାନି |

-୫-

- ଜ୍ୟୋସ୍ନା ତୁ ଯଦି ମୋତେ ନ ପଚାରିବୁ ତାହେଲେ ମୁ କେମିତି ଜାଣିବି ତୋତେ କେଉଁଟା ଆସୁନି |

-ତମେ ଯଦି ମୋ ସାଥେ ସେମିତି କଥା ହେବ ତା ହେଲେ ମୁଁ ପଢିବାକୁ ଆସିବିନି |

-ତୁ ରାଗିଛୁ କି ମୋ ଉପରେ?

ମୁଣ୍ଡ ହଲେଇ ସେ ହଁ କହିଲା |

- ହଉ ସରି | ଏଥର ଖୁସ୍ ତ |
- କାନ ଧରିକି କୁହ |
- ବେଶି ଫାଜିଲାମି ଚାଲିବନି |
- ପୁଣି ତମେ ରାଗୁଛ |

- ହଉ ।ଆଉ ରାଗିବିନି ।

-୬-

-ମାଇଁ, ଆଜି କଣ ଏତେ ଲେଟ୍ ହେଲାଣି ଜ୍ୟୋସ୍ନାର ଦେଖାନାହିଁ ।

-ଆଜିକାଲି ଜ୍ୟୋସ୍ନାକୁ ବହୁତ ମିସ୍ କରୁଛ ବୋଧେ ।

-ମାଇଁ....

-ଆରେ, ଆଜି କୁମାର ପୂର୍ଣିମା ।ସେ ଘରେ ପୂଜା କରୁଥିବ ।ସନ୍ଧ୍ୟାରେ ଆସିବ ।ଏତେ ବ୍ୟସ୍ତ ହୁଅନି । ଆଉ ଯଦି ଏତେ ଦେଖିବାକୁ ଇଛା ହେଉଛି ତାଙ୍କ ଘରକୁ ଚାଲିଯାଉନ ।

-ହଉ ତା ହେଲେ ମାଇଁ ମୁଁ ଚାଲିଲି ।

-କଣ ଏକା ଏକା ଯିବ ।ବରଯାତ୍ରୀଙ୍କୁ ସାଙ୍ଗରେ ନେବନି ।

ମୁଁ ଚାଲିଆସିଲି ଛାତ ଉପରକୁ କିଛି ସମୟ ଏକୁଟିଆ ବିତେଇବା ପାଇଁ ।ଜ୍ୟୋସ୍ନା ଆସିନଥିଲା ବୋଲି ସେଦିନ ସମୟ ବି ବୋଧେ ଧିରେ ଧିରେ ଚାଲୁଥିଲା ।ଅଲଗା ଦିନେ ଖୁବ୍ ଶୀଘ୍ର ସରିଯାଏ ।ମନେ ମନେ ବହୁତ ଗାଳିକଲି ସମୟକୁ ।

-୭-

-"ସନ୍ଧ୍ୟା ୭ଟା ହେଲାଣି ।ଉଠ ।" ମାଇଁଙ୍କ ଡାକରେ ମୋ ନିଦ ଭାଙ୍ଗିଲା ।

ମୁଁ ଟିକେ ଫ୍ରେସ୍ ହେଇ ରୁମରୁ ବାହାରୁଛି ଜ୍ୟୋସ୍ନା ସାମ୍ନାପଟୁ ଦୌଡିଆସି ପିଟିହେଇଗଲା ମୋ ଦେହରେ ।ମୁଁ ତଳେ ପଡିଗଲି ।ଆଉ ସେ ମୋ ଉପରେ ।ଏତେ ପାଖରେ ତାକୁ ଦେଖି ମୋତେ ଯେମିତି ଲାଗୁଥିଲା ସେ ଅନୁଭୁତିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ ।ସେ ସଜେଇହେଇ ଆହୁରି ସୁନ୍ଦର ଦେଖାଯାଉଥିଲା ଠିକ୍ ପରୀଟିଏ ପରି, ସ୍ବର୍ଗର ଅପସରୀ ପରି ।ନା ନା ଭୁଲ୍ କହିଲି ସେ ଠିକ୍ କୁମାର ପୂନେଇର ଜହ୍ନଭଳି ଦିଶୁଥିଲା ।ମୁଁ ତ ମନେ ମନେ ଅନେକ କଥା ଅନେକ ଦୂରଯାଏ ଭାବିଦେଇଥିଲି । କିନ୍ତୁ ସେ ଉଠି ଚାଲିଗଲାପରେ ପୁଣି ପଛକୁ ଫେରିଆସିଲି ।

ପରଦିନ ସେ ଆସିଲାନି ପଢିବାକୁ ।ମୁଁ ତାଙ୍କ ଘରକୁ ଗଲି ।

-"ଜ୍ୟୋସ୍ନା କୁଆଡେ ଗଲା ?"

-"ସେଘରେ ବସି ପଢୁଛି ।" ତା ମାଆ କହିଲେ ।

ମୁଁ ସେ ଘରକୁ ଗଲି ।ସେ ଝରକା ଆଡକୁ ମୁଁହକରି ବସିଥିଲା ।

-ଆଜି ଆସିଲୁନି ଯେ?

ସେ କିଛି କହୁ ନ ଥାଏ ।

-କଣ ହେଇଛି ? ରାଗିଛୁ କି? ହଉ ହେଲା କାଲି ରାତି ପାଇଁ ସରି ।

-ମୁଁ ରାଗିନି ।

-ଆଉ ତାହେଲେ

-ତମେ ପରା ଆଜି ପଳେଇବ ।

-ହଁ ।ସନ୍ଧ୍ୟାରେ ।ସେଥିପାଇଁ ତତେ ଦେଖାକରିବାକୁ ଆସିଛି ।ଭଲ ସେ ପଢାପଢି କରିବୁ ।

ସେ ଏଥର ମୁଁହ ବୁଲେଇ ଚାହିଁଲା ।ତା ଆଖିରେ ଦୁଇ ଧାର ଲୁହ ।

-କଣ ମୁଁ ପଳେଇବି ବୋଲି ତୁ କାନ୍ଦୁଛୁ ।ପୁଣି ନୂଆ ବର୍ଷକୁ ଆସିବି ।ବ୍ୟସ୍ତ ହଅନି ।ତୋ ପାଇଁ ଚକଲେଟ୍ ବି ଆଣିଦେବି ।

-ପ୍ରୋମିସ୍

-ପ୍ରୋମିସ୍

ଆମେ ସେଦିନ ସଂନ୍ଧ୍ୟାରେ ଘରକୁ ଫେରିଥିଲୁ ।ଇତି ମଧରେ ଅନେକ ନୂଆ ବର୍ଷ ଆସିଥିଲା ।ମୁଁ କିନ୍ତୁ ମୋ ପ୍ରୋମିସ୍ ରଖିପାରି ନ ଥିଲି ।ଜୀବନର ଏ ବ୍ୟସ୍ତତା ଭିତରେ ମୁଁ ତା'କୁ ସଂପୂର୍ଣ୍ଣରୂପେ ଭୁଲିଯାଇଥିଲି ।ଆଜି ହଠାତ୍...

-"କ'ଣ ଭାବୁଛୁ?" ବୋଉର ଡାକରେ ମୁଁ ଅତୀତରୁ ବର୍ତ୍ତମାନକୁ ଫେରିଲି ।

-କିଛି ନାହିଁ ।

-କ'ଣ କହୁଥିଲେ ଜ୍ୟୋସ୍ନାର ମା'?

-ଜ୍ୟୋସ୍ନାର ବାହାଘର ଠିକ୍ ହେଇଯାଇଛି ।ଆମ ସମସ୍ତଙ୍କୁ ଆସିବାକୁ କହିଛନ୍ତି ଆର ସପ୍ତାହରେ ।

# ଶାହାନାଇ



ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ଉଠ ଉଠ ଗୋ ସମସ୍ତେ ପାହିଲାଣି ରାତି
ସଜ କର ଝିଅକୁ ଆମ ସମୟ ଯିବ ବିତି ||

ବାଜା ଆଉ ରୋଷଣୀ ପରା ଶୁଭିଲାଣି
ବରଯାତ୍ରୀ ନେଇ ବୋଧେ ବର ଆସିଲାଣି ||

ଶଂଖ ଆଉ ଶାହାନାଇ ଦିଅ ହେ ବଜାଇ
ବରଣୀ କର ହେ ବରକୁ ମୁଣ୍ଡେ ମହାର୍ଘ ଲଗାଇ ||

ହାତ ଗଣ୍ଠି ପଡୁଛି ଏବେ ବାହାଘର ସରିଯିବ
ହାତରେ ଶଂଖା ଆଉ ମୁଣ୍ଡରେ ସିନ୍ଦୁର ନାଇବ ||

ସକ ସକ ହୋଇ କାନ୍ଦିବ ହେଲାବେଳେ ବିଦାଇ
ଶାଶୁ ଘରକୁ ଯାଇ ରଖିବ ପଣତେ ଘୋଡ଼ାଇ ||

# ଶେଷ ନଥିବା ଗପ



ସୁବଳ ମହାପାତ୍ର

ଏହା ମୋ ନିଜ କଥା ଓ ଗୋଟିଏ ସତ ଘଟଣା . ..

ମୋ ଅଜା ମୋତେ କେବେ ବି ଗପ କହି ନାହାନ୍ତି । କେବଳ ଗୋଟିଏକୁ ଛାଡ଼ି ।

ଦିନେ ମୁଁ ତାଙ୍କୁ ବହୁତ ବାଧ କରିବା ପରେ ସେ ରାଜି ହେଲେ ଓ କହିଲେ: ମୁଁ ଗୋଟେ ଗପ କହିବି ଯେଉଁଟା କେବେ ବି ସରିବନି ..

ମୁଁ ଭାବିଲି ବହୁତ ବଢ଼ିଆ..

ସେ ଆରମ୍ଭ କଲେ ..

ଗୋଟେ ରାଜ୍ୟ ଥିଲା | ରାଜ୍ୟରେ ବହୁତ ଦିନ ହେଲା ମରୁଡ଼ି ପଡୁଥିଲା । ଲୋକ ମାନେ ଖାଇବାକୁ କି ପାଣି ମୁନ୍ଦେ ପିଇବାକୁ ପାଉ ନଥିଲେ । ଦିନେ ସେ ରାଜ୍ୟକୁ ଗୋଟେ କାଉ ଉଡ଼ି ଉଡ଼ି ଆସିଲା । ସେ ରାଜ୍ୟବାସୀଙ୍କ ଅବସ୍ଥା ଦେଖିଲା । ତାକୁ ବହୁତ ଦୁଃଖ ଲାଗିଲା । ସେ ଚିନ୍ତା କଲା କଣ କରା ଯାଇ ପାରିବ ?

ସମସ୍ତେ କହନ୍ତି କାଉ ବୁଦ୍ଧିଆ । ସେ ଭାବିଲା ମୋତେ କିଛି ଗୋଟେ କରିବାକୁ ପଡିବ | କିଛି ସମୟ ଚିନ୍ତା କଲା ପରେ ସେ ତା' କାମ ଆରମ୍ଭ କଲା |

ସେ ଉଡ଼ି ଉଡ଼ି ପାଖ ରାଜ୍ୟକୁ ଗଲା ଆଉ ଥଣ୍ଟରେ ପାଣି ଆଣି ଏପଟ ରାଜ୍ୟର ପୋଖରିରେ ପକେଇଲା । ପୁଣି ଉଡ଼ି ଉଡ଼ି ଗଲା, ଆଉ ପାଣି ଆଣି ଏପଟ ରାଜ୍ୟର ପୋଖରିରେ ପକେଇଲା | ପୁଣି ଉଡ଼ି ଉଡ଼ି ଗଲା ଆଉ ପାଣି ଆଣି ପୋଖରିରେ ପକେଇଲା | ପୁଣି ଉଡ଼ି ଉଡ଼ି ଗଲା ଆଉ ପାଣି ଆଣି ପୋଖରିରେ ପକେଇଲା |

ଏତିକି କହି, ଅଜା ଶୋଇ ପଡିଲେ !!!....

ମୁଁ ତାଙ୍କୁ ଉଠେଇ କି ପଚାରିଲି, ଅଜା ତା'ପରେ କଣ ହେଲା ??

ସେ କହିଲେ:: କିଛିଦିନ ଅପେକ୍ଷା କର । ପୋଖରିରେ ପାଣି ପୁରିଗଲେ କହିବୁ | ତା'ପରେ ମୁଁ ପୁଣି କହିବି |

ମୁଁ ଏବେ ଯାଏ ବି ଅପେକ୍ଷା କରିଚି ସେ ପୋଖରି କେବେ ପୁରିଯିବ । ଯେଉଁ ରାଜ୍ୟରେ ବହୁତ୍ ବର୍ଷ ହେଲା ମରୁଡ଼ି ପଡ଼ିଛି ସେଠି ସେ କାଉ, ତା ଥଣ୍ଟରେ କେତେ

ପାଣି ଆଣିବ ଯେ ପୋଖରୀ ପୂର୍ଣ୍ଣ କରିବ??

ସେ ମୋତେ ଏଇ ଗପ କହିଥିଲେ ଯେତେବେଳେ ମୁଁ ମାତ୍ର ୬ ବର୍ଷର ଥିଲି । ଏବେ ମୋତେ ୩୧ ବର୍ଷ ହେଲାଣି |

କିଛି ଦିନ ପୁର୍ବରୁ ତାଙ୍କୁ ପଚାରିଥିଲି: ଅଜା ତା ପରେ କଣ ହେଲା ?

ଅଜା କହିଲେ : ପୋଖରୀ ପୁରା ହେଇ ଗଲାଣି ??

ମୁଁ ତାଙ୍କୁ କିଛି ସମୟ ଚାହିଁଲି ଆଉ କହିଲି : ନାଁ ..ହେଇନି ..

ଅଜା କହିଲେ : ଯେବେ ପୁରା ହବ ମୋତେ କହିବୁ ..

ମୁଁ କହିଲି : ହଉ ..

ପାଠକ ମାନଙ୍କୁ ମୁଁ ଜଣେଇଦେବା ପାଇଁ ଚାହେଁ ଯେ, ମୋ ଅଜାଙ୍କୁ ଏବେ ୯୨ ବର୍ଷ ଆଉ ବୁଢ଼ା ଯୋଗୁଁ ତାଙ୍କର କିଛି ମନେ ରହୁନି, ଏପରିକି ମୁଁ, ମୋ ଭାଇ, ମା, ଘରଲୋକ, ଆଇ, ବନ୍ଧୁବାନ୍ଧବ କାହାକୁ ବି ଚିହ୍ନି ପାରୁନାହାନ୍ତି |

ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ କେମିତି ତାଙ୍କର ସେ ଗପ ଆଜି ଯାଏ ମନେ ଅଛି ??

ହଁ ...ଏଇଟା ଭଲ ପାଇବା ..ମୁଁ ବି ମନେ ରଖିଚି ମୋ ପିଲାବେଳୁ ..

ବେଳେ ବେଳେ ଭାବେ ତାଙ୍କୁ କହିଦେବି ..ଅଜା ପୋଖରି ପୁରି ଗଲା ...

କିନ୍ତୁ ନା ..କେବେ ବି କହି ପାରିନି ...କାରଣ ସେ ବି ଅପେକ୍ଷା କରିଛନ୍ତି ..

ଛୋଟ ଥିଲେ ତାଙ୍କ ଜେଜେବାପା ତାଙ୍କୁ ଏଇ କାହାଣୀ କହିଥିଲେ.. ଆଉ ସେ ଆଜି ଯାଏ ଅପେକ୍ଷା କରିଛନ୍ତି .. କେବେ ପୋଖରି ପୁରା ହେବ ..

ଆଉ ଏବେ ମୁଁ ଭାବୁଚି ମୁଁ ବି ମୋ ନାତି କୁ ଏଇ ଗପ କହିବି ...ଆଉ ...ବୋଧହୁଏ ଏହି ଧାରା ଚାଲୁ ରହିବ...

# ଛପନ ଭୋଗ ତୋ ଭାଗ୍ୟରେ ସିନା



ତାରା ପ୍ରସାଦ ଜେନା

ଛପନ ଭୋଗ ତ ତୋ ଭାଗ୍ୟରେ ସିନା
ମୋ ଭାଗ୍ୟେ ତୋରାଣୀ ମୁନ୍ଦେ
ତଥାପି ତୋହର ଅହନ୍ତା କେମିତି
ହସୁଛୁ ତୁ ମନ୍ଦେ ମନ୍ଦେ ।

ବଡ଼ ଦେଉଳରେ ଛତିଶା ନିଯୋଗୀ, ସେବା ତୁ ପାଉଛୁ ବସି
ମୋ ଘର ଚାଳଟା ଏମିତି କଣା ଯେ, ଜହ୍ନ ମୁଁ ଦେଖୁଛି ନିଶି
ତଥାପି ଦୁଃଖ ମୋ ମନରେ ଛପୁଛି
ତୋ ନାମ ଧରିକି କାନ୍ଦେ ।
ପାଟ ପତନି ତୁ ପିନ୍ଧିଛୁ ଖୁସିରେ, ମୋ ଅଣ୍ଟାରେ ଛିଣ୍ଡା କନା
ସୁଦର୍ଶନ ଧରି ବହପ ଦେଖାଉ, ମୋତେ ତ ବହପ ମନା
କାହା ପାଇଁ ମୁଁ ଯେ ମଜାର ଖୋରାକ
ଭାଗ୍ୟକୁ ଅବେଳେ ନିନ୍ଦେ ।
ଜନମ ମରଣ ଭରସା ଲୋଡୁଛି, ମୁଁ ଗୋଟେ ପବିତ୍ର ପାପୀ
କେବେହେଲେ ଆଉ ତୋ ପାଇଁ ସତରେ, ହୋଇପାରିବିନି ତପି
ଈର୍ଷ୍ୟାରେ ତୋ ପାଖେ ମିଛକୁ ଜଳୁଛି
ଭଲପାଏ ମନ ଛନ୍ଦେ ।

# ପାର୍ଥକ୍ୟ



ହିତେଶ୍ ମହାପାତ୍ର

ସୂର୍ଯ୍ୟ ଅସ୍ତ ଓ ସୂର୍ଯ୍ୟ ଉଦୟ ମଧ୍ୟରେ
ପାର୍ଥକ୍ୟ କଣ ଜାଣିଛ ?
କେବଳ ସୂର୍ଯ୍ୟର ଉପସ୍ଥିତି |
ଆଉ ତୁମର ଓ ମୋର
ଆଗର ଓ ଏବର ଦେଖାରେ ପାର୍ଥକ୍ୟ
ପ୍ରେମର ଉପସ୍ଥିତି |
କେବେ କେତେବେଳେ ଏ ପ୍ରେମର ଜନ୍ମ
ତାର ଉତ୍ତର ମୁଁ ଚାହେଁନା |
ଚାହେଁନା ତୁମ ଉତ୍ତର
କି, ତୁମେ ମୋତେ ଭଲ ପାଅ ନା ପାଅନା |
ତୁମ ବିନା, ବଞ୍ଚିବା କଥା ଭାବିଲେ
କାହିଁ ଏକ ଅଜଣା ଭୟ
ମନରେ ପଶିଯାଏ |
ଏ ଭୟ କେତେ ଯେ ସତ
ତାର ଉତ୍ତର ମୁଁ ଖୋଜିଲେ
ବେଳେ ବେଳେ ପାଏ
ଆଉ ବେଳେ ବେଳେ
ମୁଁ ମୋ ଭିତରେ ହଜିଯାଏ |
ତୁମେ ମୋ ସହ କେତେବାଟ ଯାଏ ଅଛ
ତାର ଉତ୍ତର ମୁଁ ଜାଣେନା |
କାହିଁ ତୁମ ବିନା ନିଃଶ୍ବାସ ନେବାକୁ ମଧ୍ୟ
ମୋତେ ଅର୍ଥପୂର୍ଣ୍ଣ ମନେ ହୁଏନା
ଏ ପ୍ରକାରର ଅନୁଭୂତିକୁ
କେଉଁ ନାମରେ ନାମିତ କରିବି
ତାହା ବି ତ ଅଜଣା |

# ସୋସିଆଲ୍ ମିଡ଼ିଆରେ ଦମ୍ପତ୍ତି


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ବିବାହିତ ଦମ୍ପତ୍ତିମାନେ ସୋସିଆଲ୍ ମିଡ଼ିଆରେ କରୁଥିବା ୫ଟି ଅସହ୍ୟ ଦୋଷ

ବିବାହ ଏକ ଅଭୁତପୂର୍ବ ସମୟ | ବିବାହ ପରେ ପ୍ରତ୍ୟେକ ବିବାହିତ ପୁରୁଷ ଓ ନାରୀ ବିବାହ ବିଷୟରେ ଅନ୍ୟମାନଙ୍କ ଜଣାଇବାକୁ ଅତ୍ୟନ୍ତ ଉତ୍ସୁକ ରହିଥାନ୍ତି | ବିବାହ ଏକ ଏମିତି ସମୟ ଅନେକ ଯୁବକ ଯୁବତୀ ଏହି ସମୟରେ ନିର୍ବିଘ୍ନରେ ସର୍ବସମ୍ମୁଖରେ ଉଚ୍ଚ ସ୍ବରରେ ବିବାହ ସପକ୍ଷରେ ଯୁକ୍ତି ବାଢ଼ିବାରେ ଲାଗିପଡ଼ନ୍ତି | ନିଜର ବିବାହ ଉତ୍ସବରେ ସମସ୍ତଙ୍କୁ ସାମିଲ କରିବାପାଇଁ ଦ୍ୱିଗୁଣା ଅଧିକ ସମସ୍ତେ ତତ୍ପର ହୋଇପଡ଼ନ୍ତି | ସୋସିଆଲ୍ ମିଡ଼ିଆ (ଫେସବୁକ, ଟ୍ବିଟର୍ ଇତ୍ୟାଦି) ଦ୍ବାରା ଆଜିକାଲି ତାହା ସମ୍ଭବ ହୋଇପାରିଛି | ସତରେ ନ ହେଲେ ବି ସମସ୍ତଙ୍କୁ ନିଜ ବିବାହରେ ସାମିଲ କରାଇବାର ଅନୁଭୂତି ସୋସିଆଲ୍ ମିଡ଼ିଆ ଆମକୁ ଦେଇଛି |

କିନ୍ତୁ ବେଳେ ବେଳେ ନିଜର ଅଜାଣତରେ ଅତ୍ୟନ୍ତ ଉତ୍ସାହୀ ଯୁବକ ଯୁବତୀମାନେ ଏମିତି କାମ ସବୁ କରନ୍ତି ଯେଉଁଥିପାଇଁ ଅନ୍ୟମାନେ ଅହେତୁକ ମାନସିକ ଦୁଶ୍ଚିନ୍ତା ଭୋଗ କରନ୍ତି | ଅନେକ ବନ୍ଧୁ ସୋସିଆଲ୍ ମେଡ଼ିଆର ଏହି ଅନ୍ଧାର ଦିଗପ୍ରତି ଧ୍ୟାନ ଦେଇନାହାନ୍ତି | ସୋସିଆଲ୍ ମିଡ଼ିଆ ପ୍ରତି ଆକୃଷ୍ଟ ବନ୍ଧୁମାନେ ଭୁଲିଯାଆନ୍ତି ଯେ ବାସ୍ତବିକ ଜୀବନ ଓ ସୋସିଆଲ୍ ମିଡ଼ିଆର ଜୀବନ ଭିତରେ ଏକ କ୍ଷୀଣ ରେଖା ରହିଛି | ବିଶେଷ କରି ନବବିବାହିତ ଯୋଡ଼ିମାନେ ଅନ୍ତତଃ ଏତିକି ଜିନିଷ ମନେ ରଖିଲେ ସୋସିଆଲ୍ ମିଡ଼ିଆକୁ ସେମାନେ ସମସ୍ତଙ୍କ ପାଇଁ ଉପଭୋଗ୍ୟ କରିପାରିବେ |

### ୧. ପରସ୍ପର ଉପରେ ଅତ୍ୟନ୍ତ ନିର୍ଭରଶୀଳ ଦେଖାଦେବା

ଆମେ ଜାଣିଛୁ, ତୁମେ ବିବାହ କରିଛ | ପରସ୍ପରକୁ ବହୁତ ଭଲ ବି ପାଉଛ | ତାହା କିନ୍ତୁ ସୋସିଆଲ୍ ମିଡ଼ିଆରେ ପ୍ରମାଣିତ କରିବାପାଇଁ ପ୍ରତି ମୁହୂର୍ତ୍ତରେ ପରସ୍ପରକୁ ଭଲପାଉଥିବା ଦର୍ଶାଇ ସନ୍ଦେଶମାନ ପୋଷ୍ଟ କରିବା କେତେଦୂର ଯଥାର୍ଥ | ତୁମ ସ୍ବାମୀ ବା ସ୍ତ୍ରୀ ଯଦି ତୁମର ବିଶେଷ ଧ୍ୟାନ ରଖୁଛନ୍ତି ତା ହେଲେ ତ ତୁମେ ଭାଗ୍ୟବାନ ନିଶ୍ଚୟଭାବରେ, କିନ୍ତୁ ସେ ସବୁକୁ ସୋସିଆଲ୍ ମିଡ଼ିଆରେ ପ୍ରକାଶିତ କରି ଅନ୍ୟମାନଙ୍କୁ କାହିଁକି ଅଯଥାରେ

ହଇରାଣ କରୁଛ ? ଚିନ୍ତାକର ଦିନେ ତୁମେ ସକାଳୁ ସକାଳୁ ସୋସିଆଲ୍ ମିଡ଼ିଆ ସାଇଟରେ ପହଞ୍ଚିବା ପରେ ଦେଖିବ ଯେ ତୁମର ସବୁ ବନ୍ଧୁ ବା ବାନ୍ଧବୀ କେବଳ ନିଜ ସ୍ବାମୀ ବା ସ୍ତ୍ରୀକୁ ପ୍ରଶଂସା କରି ଲେଖାମାନ ଲେଖିଛନ୍ତି, ତୁମେ କଣ ସବୁ ଗୁଡ଼ିକ ବସି ପଢ଼ିବ | ନା, ସ୍ବାମୀ ଓ ସ୍ତ୍ରୀ ଭିତରର ବିଶେଷ ମୁହୂର୍ତ୍ତ ମାନ ସେମାନଙ୍କର ଏକାନ୍ତ ନିଜସ୍ବ, ତେଣୁ ସେ ସବୁକୁ ଅନ୍ୟମାନେ ପଢ଼ିବା ଅନୁଚିତ, ଆଉ ଅଧିକାଂଶ ଲୋକ ପଢ଼ନ୍ତି ବି ନାହିଁ, ବେଳେ ବେଳେ କିଛି ବନ୍ଧୁ ଇର୍ଷ୍ୟାର ଶୀକାର ହୋଇ କମେଣ୍ଟମାନ ବି ଦିଅନ୍ତି | ଆଉ କିଛି ବନ୍ଧୁ ମନେ ମନେ ତୁମ ମୁର୍ଖାମୀ ପାଇଁ ହସନ୍ତି |

## ୨. ବିବାହର ପ୍ରତ୍ୟେକ ଦିନ ଓ ସମୟର ଚର୍ଚ୍ଚା

ବିବାହର ଏକ ମାସ ପୂର୍ତ୍ତି, ବିବାହ ପରେ ଆମେ ହନିମୁନ୍ ଯାଇ ଆସିଲୁ, ଆମର ପ୍ରଥମ ଫୋଟୋ ଆସିଲା, ଆମ ଛୁଆ ଜନ୍ମ ହେବାକୁ ଯାଉଛି ଇତ୍ୟାଦି ଇତ୍ୟାଦି | ତୁମର ମନେ ରଖିବା ଶକ୍ତି ନିଶ୍ଚୟ ଭାବେ ପ୍ରଖର, କିନ୍ତୁ ମନେ ରଖ ବନ୍ଧୁ ଆମେ ତୁମର ଏ ସବୁ ଦିନ ଓ ସମୟ ବିଷୟରେ ଜାଣିବାପାଇଁ ଆଦୌ ଉତ୍ସୁକ ନୋହୁଁ | ତୁମେ କେବେ ଦେଖା ହୋଇଥିଲ, କୋଉଠି ଦେଖା ହୋଇଥିଲ, ସେ କଣ ପିନ୍ଧିଥିଲା, ତୁମେ କଣ ଗିଫ୍ଟ୍ ନେଇଥିଲ ଏ ସବୁ କଥା ଅନେକଙ୍କୁ ପିଲାଳିଆମୀ ଲାଗେ |

ହସ ଲାଗେ ବେଳେ ବେଳେ କିଛି ବନ୍ଧୁ ବିବାହର ପ୍ରତ୍ୟେକ ମାସରେ ନିଜ ବିବାହର ଏକ ଅଲଗା ଫଟୋ ନିଜ ସୋସିଆଲ୍ ମିଡ଼ିଆ ସାଇଟ୍‌ରେ ପୋଷ୍ଟ କରନ୍ତି ଆଉ ଲେଖନ୍ତି, ମୁଁ ଭାଗ୍ୟବାନ/ଭାଗ୍ୟବତୀ | ଏ ସବୁ ପିଲାଳିଆମୀ ଅନେକଙ୍କୁ ଆମୋଦକର ଲାଗିପାରେ ଆଉ କିଛି ବନ୍ଧୁ ଆଳସ୍ୟବଶତଃ କେବଳ ଲାଇକ୍ ବଟନଟି ଟିପି ଦିଅନ୍ତି ସିନା ଏ ସବୁ ଦେଖିବାପାଇଁ କାହାର ସ୍ପୃହା ନଥାଏ |

## ୩. ବହୁତ ଆପଣାପଣ ଦେଖେଇହେବା

ଭାରତ ପରି ଦେଶରେ ଆପଣ ବିବାହିତ ହୋଇଥିବା ସତ୍ତ୍ବେ ସର୍ବସମ୍ମୁଖରେ ନିଜ ସ୍ବାମୀ ବା ସ୍ତ୍ରୀଙ୍କୁ ଆଲିଙ୍ଗନ କରିବା ଏକ ଅପରାଧ ବୋଲି ଧରିନିଆଯାଇଛି | ତା ହେଲେ

ଯେଉଁ ବନ୍ଧୁମାନେ ନିଜ ନବବିବାହିତ ସାଥୀଙ୍କ ସହ ଅସଂଯତ ଅବସ୍ଥାରେ ବିଭିନ୍ନ ଫୋଟୋ ଉଠାଇ ସୋସିଆଲ୍ ମିଡ଼ିଆରେ ଦେଉଛନ୍ତି ତାହା କଣ ଅପରାଧରେ ଗଣା ହେବନି ? ଆଶ୍ଚର୍ଯ୍ୟର କଥା କିଛି ଦମ୍ପତ୍ତି ବିବାହ ପରେ ଭୁଲି ଯାଆନ୍ତି ଯେ ସେମାନେ କେତେ ସୀମାପର୍ଯ୍ୟନ୍ତ ସୋସିଆଲ୍ ମିଡ଼ିଆରେ ନିଜକୁ ଉନ୍ମୁକ୍ତ କରିବା ଉଚିତ | ପ୍ରେମ / ଆଲିଙ୍ଗନ କରୁଥିବା ଦୃଶ୍ୟ ଯଦିଓ ଆଖିକୁ ସୁନ୍ଦର ଲାଗେ ତଥାପି ଅନେକ ବନ୍ଧୁଙ୍କୁ ଏହା ଆଦୌ ରୁଚିକର ଲାଗିନପାରେ |

ବିବାହୋପରାନ୍ତ ମଧୁଚନ୍ଦ୍ରିକା(ହନିମୁନ୍) ସମୟର ସୁନ୍ଦର ଛବି ସୋସିଆଲ୍ ମିଡ଼ିଆରେ ଦେଲେ ତୁମେ ଯେଉଁ ସବୁ ସ୍ଥାନକୁ ଯାଇଥିଲ ତାହା ବିଷୟରେ ବି ଜାଣିବାକୁ ମିଳିପାରେ, ଅନେକ ଅବିବାହିତ ବା ସଦ୍ୟ ବିବାହିତ ଏବଂ କ୍ବଚିତ ବିବାହିତ ଲୋକ ଏହି ସବୁ ସ୍ଥାନକୁ ଦେଖିବାପରେ ସେଠାକୁ ଯିବାପାଇଁ ମନୋନିବେଶ କରିପାରନ୍ତି, କିନ୍ତୁ ହନିମୁନ୍ ସମୟର ଅତ୍ୟନ୍ତ ସ୍ପର୍ଶକାତର ଓ ଅସଂଯତ ଅବସ୍ଥାରେ ନିଆଯାଇଥିବା ଛବିକୁ ସୋସିଆଲ୍ ମିଡ଼ିଆରେ ପ୍ରକାଶ କରିବା କିନ୍ତୁ ଆଦୌ ଗ୍ରହଣୀୟ ନୁହେଁ |

### ୪. ମୁଁ ନୁହେଁ 'ଆମେ' ଦମ୍ପତ୍ତି

ଏହା ସର୍ବୋପରି ଅସହ୍ୟ | ଦୟାକରି ମୁଁ ବଦଳରେ 'ଆମେ' ବୋଲି ଶବ୍ଦର ବ୍ୟୱହାର ବନ୍ଦ କରନ୍ତୁ | ବିବାହ କରିବାର ଅର୍ଥନୁହେଁ ଯେ ଆପଣ ନିଜର ନିଜତ୍ବକୁ ଭୁଲିଯିବେ! ହଁ ଅବଶ୍ୟ ନିଜର ଅତି ପରିଚିତ ବନ୍ଧୁମାନଙ୍କୁ 'ଆମେ' କହି ସମ୍ବୋଧନ କରିବା କଥା ବୁଝିହୁଏ, କିନ୍ତୁ ବିବାହିତ ବୋଲି ସୋସିଆଲ୍ ମିଡ଼ିଆରେ ସମସ୍ତଙ୍କୁ 'ଆମେ' କହି ସମ୍ବୋଧନ କରିବା କେତେଦୂର ଯୁକ୍ତିଯୁକ୍ତ? ବିଶେଷ କରି ନବବିବାହିତା ମାନେ ଏହାକୁ ବେଶୀ ବ୍ୟବହାର କରିବା ଦେଖାଯାଏ | ଯେମିତି, ଆମେ ଭାବୁଛୁ ହନିମୁନ୍ ପାଇଁ ଉଡି ଯିବୁ | କିମ୍ବା ଆମେ ଚିନ୍ତା କରୁଛୁ ଏୟା କରିବୁ / ବା ସେୟା କରିବୁ | ବନ୍ଦ କର | ସୋସିଆଲ୍ ମିଡ଼ିଆରେ ପ୍ରତ୍ୟେକ ବ୍ୟକ୍ତି ଏକ ଏବଂ ଏଠାରେ ଲୋକମାନେ ତୁମକୁ ଦେଖନ୍ତି, ତୁମ ସହ କଥା ହୁଅନ୍ତି, ତୁମ ସ୍ବାମୀ/ସ୍ତ୍ରୀ ସହ ନୁହଁ |

ଆଉ କିଛି ବନ୍ଧୁ ନିଜ ପ୍ରୋଫାଇଲ୍ ଫୋଟୋରେ ନିଜ ବିବାହିତ ସ୍ବାମୀ/ସ୍ତ୍ରୀର ଫୋଟୋ ଦିଅନ୍ତି | ସତେ ଯେମିତି ସେମାନେ ନିଜ ଇଚ୍ଛାରେ ନୁହଁ ବରଂ ଅନ୍ୟମାନଙ୍କୁ ପ୍ରମାଣିତ କରିବାପାଇଁ ହିଁ ଏମିତି କରିଛନ୍ତି | ମନେ ରଖ ପ୍ରୋଫାଇଲ୍ ଫୋଟୋର ନିର୍ଦ୍ଦିଷ୍ଟ ଏକ କାମ ଥାଏ | ଏହା ଦ୍ବାରା ତୁମେ କିଏ, କେମିତି ଦେଖାଯାଅ, ଇତ୍ୟାଦି ସୂଚନା ସମ୍ୟକ ଭାବରେ ବନ୍ଧୁମାନଙ୍କୁ ଜଣାଇ ଦିଆଯାଏ | ନିଶ୍ଚୟ ଭାବରେ ତୁମ ସ୍ବାମୀ/ସ୍ତ୍ରୀ ତୁମ ଜୀବନସାଥୀ, ତୁମର ସହଧର୍ମୀ, ଦୁନିଆର ସବୁଠାରୁ ସୁନ୍ଦର ମନୁଷ୍ୟ, ତା ମାନେ ନୁହେଁ ତୁମେ ତାଙ୍କ ଫୋଟୋ ନିଜ ପ୍ରୋଫାଇଲରେ ଲଗେଇବ |

## ୫. ତୁମେ କାହିଁକି 'ଲାଇକ୍' କଲ ନାହିଁ ?

ସୋସିଆଲ୍ ମିଡ଼ିଆ ବେଳେ ବେଳେ ଲାଗେ ସତେ ଯେମିତି ଏକ ପ୍ରତିଯୋଗୀତା | କିଏ କେତେ ଲାଇକ୍ ପାଇବ | ଲୋକ ଭାବନ୍ତି ମୁଁ ଯାହା ବି ପୋଷ୍ଟ୍ କରିବି ଲୋକମାନେ ତାକୁ ଲାଇକ୍ କରିବାକୁ ଏକ ରକମ ବାଧ | କିଛି ଦମ୍ପତି ନିଜ ବିବାହୋପରାନ୍ତ ଅନେକ ଫୋଟୋ ସୋସିଆଲ୍ ମିଡ଼ିଆରେ ପକାନ୍ତି ଏବଂ ବନ୍ଧୁମାନଙ୍କୁ ପଚାରିବୁଝନ୍ତି ସେମାନେ ଲାଇକ୍ କଲେ ନା ନାହିଁ, ଯଦି କଲେନି କାହିଁକି କଲେନି ?

ପ୍ରିୟ ବନ୍ଧୁ ମନେ ରଖ କୌଣସି ଫଟୋକୁ ଲାଇକ କରିବା ନ କରିବା ବ୍ୟକ୍ତିର ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରେ | ତୁମେ ନିଜ ଇଚ୍ଛାକୁ ଅନ୍ୟ ଉପରେ ଜାହିର କରିପାରିବ ନାହିଁ | ବେଳେ ବେଳେ କିଛି ବନ୍ଧୁ ନିଜ ନବଜାତ ଶିଶୁର ଛବିକୁ କୌଣସି ପ୍ରତିଯୋଗିତାରେ ଦିଅନ୍ତି, ଏବଂ ଏହାପରେ ନିଜର ବନ୍ଧୁ ତାଲିକାରେ ଥିବା ସମସ୍ତ ବନ୍ଧୁଙ୍କୁ ସେହି ଫୋଟୋକୁ ଲାଇକ୍ କରିବାପାଇଁ ସନ୍ଦେଶମାନ ଦିଅନ୍ତି | ଅନେକ ଲୋକ ଏହାକୁ ଘୃଣା କରନ୍ତି | ନିଜ ଛବିକୁ ସବୁବେଳେ ସର୍ବୋତ୍କୃଷ୍ଟ ଭାବି ଅନ୍ୟର ପସନ୍ଦକୁ ବଦଳାଇବାର ଏହି ପ୍ରୟାସ ନିଶ୍ଚୟ ଭାବରେ ଅନେକ ଲୋକଙ୍କୁ ଅପ୍ରିୟ ଲାଗିପାରେ |

# ଭଗବାନକେ ଘର ଦେର୍ ହୈ...



ହେତୁବାଦୀ ବାଲ୍ମୀକି ନାୟକ

ହିନ୍ଦୀରେ ଗୋଟିଏ ବହୁ ପ୍ରଚଳିତ ପ୍ରବାଦ ରହିଛି, 'ଭଗବାନକେ ଘର ମେ ଦେର ହୈ... ପର୍ ଅନ୍ଧେର୍ ନହିଁ ହୈ' | ଓଡ଼ିଆରେ ଏହାର ଭାବାର୍ଥ ହେବ, 'ଭଗବାନଙ୍କ ଘରେ ବିଳମ୍ବ ହୋଇପାରେ କିନ୍ତୁ ଅନ୍ଧକାର ନାହିଁ' | କୌଣସି ହିନ୍ଦୀଭାଷୀ କବି ଯତିପାତ ଯୋଡ଼ି ଏହି ପ୍ରବାଦଟିକୁ ଲେଖି ଯାଇଛନ୍ତି | ଯାହା କହିବାକୁ ଓ ଶୁଣିବାକୁ ଭଲ ଲାଗେ | କୌଣସି ଦୁଃଖୀ ମଣିଷକୁ ସାନ୍ତ୍ୱନା ଦେବାପାଇଁ ଏହି ବାକ୍ୟଟି, ସତେ ଯେପରି କଷ୍ଟ ନିବାରକ ମଲମ ସଦୃଶ କାମ କରେ | ସେ ମନେ ମନେ ଆଶ୍ୱସ୍ତ ହୋଇଯାଏ କି ମୋ ପାଇଁ ଯେଉଁ ଦୁଃଖ ଆସିଛି, ତାହାର ଉପଶମ ପାଇଁ ମୋତେ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ | କିନ୍ତୁ ସମୟସୀମା କେତେ, ସେ କଥା କୌଣସି ସୂତ୍ରରୁ ଜାଣିବାର ଉପାୟ ନାହିଁ | କେତେ ଘଣ୍ଟା, କେତେ ଦିନ, କେତେ ମାସ, କେତେ ବର୍ଷ ଅଥବା ଆଜୀବନ ଅପେକ୍ଷା କରିବାକୁ ପଡ଼ିବ ଜଣାନାହିଁ | କେବଳ ଧୈର୍ଯ୍ୟ ଧରି ଅପେକ୍ଷା କଲେ, ଦିନେ ସୁଖ ନିଶ୍ଚୟ ମିଳିବ ବୋଲି ଏକ କାଳ୍ପନିକ ଆଶ୍ୱାସନା ମିଳିବ |

ଏଠି ସ୍ୱାଭାବିକ ଭାବରେ ଆମ ମନରେ ପ୍ରଶ୍ନ ଉଠୁଛି, ଭଗବାନ ହେଉଛନ୍ତି ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଓ ପରମ ଦୟାଳୁ | ତାଙ୍କ ଦ୍ୱାରା ଦୁନିଆର ଯେ କୌଣସି ସମସ୍ୟା କ୍ଷଣିକରେ ସମାଧାନ ହୋଇଯିବା କଥା, କିନ୍ତୁ ବିଳମ୍ବରେ ହେବାର କାରଣ କଣ ?

ମଣିଷ ତିଆରି କାନୁନ ବ୍ୟବସ୍ଥା, କୋର୍ଟ କଚେରୀର ନ୍ୟାୟ ପ୍ରଣାଳୀ ଭଳି ଭଗବାନଙ୍କ ନ୍ୟାୟାଳୟରେ ବି କଣ ସାକ୍ଷୀ, ପ୍ରମାଣ, ତର୍କ, ବିତର୍କ ଆଦି କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଏ? ସେୟା ଯଦି ହୁଏ ତେବେ ଭଗବାନଙ୍କ ଏବଂ ମଣିଷ ଭିତରେ ପ୍ରଭେଦ ରହିବ କେଉଁଠି ?

ଗତ ଜୁନ ମାସ ୧୬ ଓ ୧୭ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରବଳ ବର୍ଷା ଯୋଗୁଁ ଉତ୍ତରାଖଣ୍ଡରେ କେଦାରନାଥ ଓ ବଦ୍ରୀନାଥଙ୍କ ଭକ୍ତଙ୍କ ସମେତ ହଜାର ହଜାର ଲୋକ ମୃତ୍ୟୁବରଣ କଲେ | ଏଇଠି ବି କଣ ସେଇ ଏକା ପ୍ରବାଦକୁ ଲାଗୁ କରାଯାଇପାରେ ? ଶିବଙ୍କ ନ୍ୟାୟାଳୟରେ ଶୀଘ୍ର ବିଚାରଣା ହୋଇପାରିଲା ନାହିଁ,

କେଉଁମାନେ ପୂଣ୍ୟାତ୍ମା ଓ କେଉଁମାନେ ପାପୀ? ସାମୁହିକ ଭାବରେ ସମସ୍ତେ ଭାସିଗଲେ। ମଣିଷର ସୁଖ ବା ଦୁଃଖର ହିସାବ ହୁଏ, ଯେତେଦିନ ସେ ଏହି ଦୁନିଆରେ ବଞ୍ଚିରହେ। ସେ ମୃତ୍ୟୁବରଣ କଲାପରେ ତ ସବୁକିଛି ଶେଷ ହୋଇଯାଉଛି। ତା'ପାଇଁ ସୁଖ ବା ଦୁଃଖର ପ୍ରଶ୍ନ ଉଠୁନାହିଁ। ଉତ୍ତରାଞ୍ଚଳରେ ପ୍ରାଣ ହରାଇଥିବା ଭକ୍ତମାନଙ୍କ ଆୟୁଷ ସେତିକି ଥିଲା ବୋଲି ଧର୍ମଗୁରୁମାନେ ତର୍କ ଦେଉଛନ୍ତି। କିନ୍ତୁ ଅକାଳ ମୃତ୍ୟୁବରଣ କରିଥିବା ଲୋକମାନଙ୍କର ପରିବାର ଲୋକମାନେ ଯେଉଁ ଦୁଃଖ ଭୋଗ କରୁଛନ୍ତି, ସେମାନଙ୍କ ସୁଖ ଫେରିବାପାଇଁ ଭଗବାନ କେତେ ସମୟ ନେବେ ? ମୃତ ବ୍ୟକ୍ତିମାନେ କଣ କେବେ ଘରକୁ ଫେରି ଆସିବେ ?

ଆୟୁଷ ଶେଷ ହୋଇଯାଇଥିବା ବିଭିନ୍ନ ବର୍ଗର ନାରୀ ଓ ପୁରୁଷଙ୍କୁ ଦେଶର ବିଭିନ୍ନ ଅଞ୍ଚଳରୁ ଡକେଇ ଆଣି (ଭଗବାନଙ୍କ ଡକରା ନ ପାଇଲେ କେହି ତୀର୍ଥସ୍ଥଳକୁ ଯାଇ ପାରନ୍ତି ନାହିଁ ବୋଲି ଏକ ବିଶ୍ବାସ ରହିଛି) ଉତ୍ତରାଞ୍ଚଳରେ ଠୁଳ କରି କଣ ସାମୁହିକ ହତ୍ୟା କରି ନ୍ୟାୟ ପ୍ରଦର୍ଶନ କଲେ ? ଏଇଠି ହତ୍ୟା ଶବ୍ଦ ବ୍ୟବହାର ହୋଇପାରିବନି। କାରଣ ଭଗବାନ କାହାକୁ ହତ୍ୟା କରନ୍ତି ନାହିଁ, ସେ ମୋକ୍ଷ ପ୍ରଦାନ କରନ୍ତି।

ବିପଦ ସଂକୁଳ ଅଞ୍ଚଳରେ ଫସି ରହିଥିବା ପୂଣ୍ୟାତ୍ମା ଭକ୍ତମାନଙ୍କୁ ଉଦ୍ଧାର କରିବାପାଇଁ ଦେଶର ସୈନ୍ୟବାହିନୀ ଓ ବାୟୁସେନାର ଯବାନ ମାନେ ନିଜ ଜୀବନକୁ ବାଜି ଲଗେଇଥିଲେ। ସୁରକ୍ଷା କର୍ମଚାରୀମାନେ ଯଦି ସାହାଯ୍ୟ କରିନଥାନ୍ତେ, ତେବେ ଆହୁରି କିଛି ମଣିଷ ପ୍ରାଣ ହରେଇଥାନ୍ତେ। ଉଦ୍ଧାର କାର୍ଯ୍ୟରେ ନିୟୋଜିତ କିଛି ଯବାନ ବି ଏହି ସମୟରେ ପ୍ରାଣତ୍ୟାଗ କରିଛନ୍ତି। ଭଗବାନ କଣ ସେମାନଙ୍କୁ ଏଥିପାଇଁ ଦଣ୍ଡ ଦେଲେ ଯେ 'ମୁଁ ପ୍ରାଣଦଣ୍ଡ ଦେଇଥିବା ପାପୀମାନଙ୍କୁ ତୁମେ କାହିଁକି ଉଦ୍ଧାର କରିବାକୁ ଆସିଛ ? ଅପରାଧୀକୁ ସାହାଯ୍ୟ କରିବା ହେଉଛି ଅପରାଧ।'

ଜୀବନ ବଞ୍ଚେଇ ଘରକୁ ଫେରିଥିବା ଭକ୍ତ କହନ୍ତି -'ଆମେ ଆଠ, ଦଶ ଦିନ ଯେଉଁ ଯନ୍ତ୍ରଣା ଭୋଗକରିଛୁ, ତାହା ଜୀବନସାରା ଭୁଲି ପାରିବୁନି।' ଅନ୍ଧଶ୍ରଦ୍ଧା ରଖୁଥିବା ଭକ୍ତମାନେ

କହୁଛନ୍ତି, 'ଆମକୁ ପରୀକ୍ଷା କରିବାପାଇଁ ଭଗବାନ ଏତେ ଦୂଃଖ ଦେଲେ କିନ୍ତୁ ଶେଷରେ ଆମକୁ ଉଦ୍ଧାର ବି କରିଦେଲେ | ଆସନ୍ତା ବର୍ଷ ଆମେ କେଦାରନାଥଙ୍କୁ କୃତଜ୍ଞତା ଜଣେଇବାପାଇଁ ନିଶ୍ଚୟ ଯିବୁ |'

ସରଳ ବିଶ୍ବାସୀ ଜନତା ଏତିକି ବୁଝିପାରିଲେ ନାହିଁ, ଯେ ଏହି ବିପର୍ଯ୍ୟୟରୁ ଜୀବନ ନେଇ ଫେରିବା ଏକ ସଂଯୋଗ ମାତ୍ର | ସେନାବାହିନୀର ଯବାନମାନେ ଯଦି ସାହାଯ୍ୟ କରିନଥାନ୍ତେ, ତେବେ ଏମାନେ ବି ଅନ୍ୟମାନଙ୍କ ଭଳି ସ୍ବର୍ଗଗାମୀ ହୋଇଥାନ୍ତେ | ଏଇଠି 'ଭଗବାନକେ ଘର ମେ ଦେର୍ ନହିଁ, ଅନ୍ଧେର୍ ହି ଅନ୍ଧେର୍' ହୋଇଥାନ୍ତା |

ମଣିଷ ଜୀବନରେ ସମସ୍ୟାର ଅନ୍ତନାହିଁ | କୌଣସି ଗୋଟିଏ ବା ଅନେକ ସମସ୍ୟାରେ ଛନ୍ଦି ହୋଇ ମଣିଷ ମାନସିକ ସ୍ତରରେ ଭାଙ୍ଗିପଡ଼େ | ନିଜକୁ ଅସହାୟ ବୋଧ କରେ | ସେତିକି ବେଳେ ତାକୁ ସମବେଦନା ଜଣେଇ ସାନ୍ତ୍ବନା ଦେବା ଅତି ଆବଶ୍ୟକ | ସମସ୍ୟାର ସମାଧାନ ଦୃଷ୍ଟିଗୋଚର ହେଉନଥିଲେ ବି ଧୈର୍ଯ୍ୟ ଧରି ବଞ୍ଚିରହିବାକୁ ଅନ୍ୟ ମଣିଷମାନେ ବୁଝେଇଥାନ୍ତି | ଏହା ଏକ ମନସ୍ତାତ୍ତ୍ବିକ ଚିକିତ୍ସା | ସେହି ସମୟରେ ଭଗବାନଙ୍କ ଭଳି ସର୍ବଶକ୍ତିମାନଙ୍କ ସାହାଯ୍ୟ ପାଇବା କଥା ଯଦି କେହି କହେ, ଦୁଃଖୀ ମଣିଷଟି ବେଶୀ ସାନ୍ତ୍ବନା ପାଇଥାଏ | ଯଦିଓ ସେହି ଦୈବୀକୃପା ଶୀଘ୍ର ମିଳିଲେ ହିଁ ମଣିଷଟି ଉପକୃତ ହୋଇପାରନ୍ତା, କିନ୍ତୁ ସମସ୍ତେ ଜାଣନ୍ତି, ସେୟା ଘଟିବ ନାହିଁ, ତେଣୁ  ନିଜ କଥାକୁ ଠେସ ଦେବାପାଇଁ କହନ୍ତି - 'ଭଗବାନ ଡେରିରେ ହେଲେ ବି ତୁମର ଦୁଃଖ ଦୂର କରିଦେବେ |' ସମୟାନୁକ୍ରମେ ମଣିଷଟି ମାନସିକ ଓ ଶାରୀରିକ ପରିଶ୍ରମ କରି ନିଜର ସମସ୍ୟାର ସମାଧାନ କରିଥାଏ | ତା'ର ଦୁଃଖ ଦୂର ହୋଇଗଲେ, ସେ ଭାବେ ଲୋକମାନେ ଯାହା କହୁଥିଲେ ଠିକ୍ କଥା | ଭଗବାନ ଡେରିରେ ହେଲେ ବି ମୋ ଦୁଃଖ ଦୂର କରିଦେଲେ | ସମସ୍ୟାର ସମାଧାନ ପାଇଁ ସେ ଯେଉଁ ପରିଶ୍ରମ କରିଛି କିମ୍ବା ତା'ର ବନ୍ଧୁମାନେ ଯେଉଁ ସାହାୟ କରିଛନ୍ତି, ସେଥିପାଇଁ ସେ ନିଜକୁ କିମ୍ବା ବନ୍ଧୁମାନଙ୍କୁ ଧନ୍ୟବାଦ ଜଣେଇବ ନାହିଁ | ସବୁ କ୍ରେଡ଼ିଟ୍ ଯିବ ଭଗବାନଙ୍କ ପାଖକୁ | ଭଗବାନ ଯଦି କ୍ରେଡ଼ିଟ୍ ନେବାର ଥିଲା ତେବେ

ଏତେ ସମୟ ନେଉଥିଲେ କାହିଁକି ?

ଆଉ ଗୋଟିଏ ଉଦାହରଣ ଦେଖିବା- ଭଗବାନଙ୍କ ଘରେ ଡେରି ହେବା ଫଳରେ ଗତ ମାର୍ଚ୍ଚ ୨୫ ତାରିଖ ୨୦୧୩ରେ କିପରି ଗୋଟିଏ ପରିବାରର ପାଞ୍ଚଜଣ ଭକ୍ତଙ୍କ ଅକାଳ ମୃତ୍ୟୁଘଟିଲା | (ଗତ ମାର୍ଚ୍ଚ ୩୦ ତାରିଖ ୨୦୧୩ର ଟାଇମସ୍ ଅଫ୍ ଇଣ୍ଡିଆ ଦ୍ରଷ୍ଟବ୍ୟ) ଘଟଣାଟି ହେଉଛି ରାଜସ୍ଥାନର ସୱାଇମାଧୋପୁର ଅଞ୍ଚଳରେ ବାସ କରୁଥିବା ଜଣେ ଶିବଭକ୍ତ କାଞ୍ଚନ ସିଂହ ଓ ତାଙ୍କର ପରିବାରର ସାତଜଣ ସଦସ୍ୟ ଗତ ପାଞ୍ଚବର୍ଷ ଧରି, ନିଜ ଶରୀରରୁ ଇଞ୍ଜେକସନ ସିରିଞ୍ଜ୍ ସାହାଯ୍ୟରେ ରକ୍ତ ବାହାର କରି ତିନିହଜାର ଏକଶହଥର ଶିବଲିଙ୍ଗକୁ ରକ୍ତସ୍ନାନ କରାଇ ଆହୁତି ଦେଉଥିଲେ | ତଥାପି ଭକ୍ତବତ୍ସଳ, ପରମ ଦୟାଳୁ ମହାଦେବଙ୍କର ମନ ତରଳିଲା ନାହିଁ | କାଞ୍ଚନ ସିଂହଙ୍କ ମନୋବାଞ୍ଛା ପୂରଣ ନ ହେବାରୁ ସେ ଅତିମାତ୍ରାରେ ହତାଶ ହୋଇ ପରିବାରର୍ ସମସ୍ତଙ୍କୁ ବିଷମିଶ୍ରିତ ଲଡୁ ଖୁଆଇ ନିଜେ ବି ଖାଇଦେଲେ | ଖବର ପ୍ରକାଶିତ ହେବାବେଳକୁ ପାଞ୍ଚଜଣ (ତିନିଜଣ ଶିଶୁଙ୍କ ସମେତ) ପ୍ରାଣତ୍ୟାଗ କରିସାରିଥିଲେ | ବାକି ତିନିଜଣ ଡାକ୍ତରଖାନାରେ ମୃତ୍ୟୁସହ ସଂଘର୍ଷ କରୁଥିଲେ |

ଭୋଳାନାଥ ଶିବ ଯଦି ତାଙ୍କର ଏହି ଭୋଳା ଭକ୍ତଟିକୁ ପାଞ୍ଚବର୍ଷ ଭିତରେ ଥରୁଟିଏ ବି କୃପା ପ୍ରଦର୍ଶନ କରିଥାନ୍ତେ, ତେବେ ସେମାନେ ଏ ଭଳି ଚରମ ପଦକ୍ଷେପ ନେଇନଥାନ୍ତେ | ଭଗବାନଙ୍କ ଘରେ ଆଲୋକ ଜଳିବା ଆଶାରେ କାଞ୍ଚନ ସିଂହଙ୍କ ଘର ତ ସବୁଦିନ ପାଇଁ ଅନ୍ଧକାର ହୋଇଗଲା |

ମଣିଷ ନିଜର ଉତ୍ତରଦାୟୀତ୍ବ ଏବଂ ସାମାଜିକ ପ୍ରତିବଦ୍ଧତାକୁ ଠିକ୍ ରୂପେ ପାଳନ ନ କରି ଯଦି ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରି ରହିବ ତେବେ ସେ କେବେ ବି ଆଶାନୁରୂପ ସଫଳତା ହାସଲ କରି ପାରିବ ନାହିଁ | କେବଳ ଆତ୍ମପ୍ରବଞ୍ଚନା କରି କହି ବୁଲୁଥିବ - 'ଭଗବାନକେ ଘର ମେଁ ଦେର୍ ହୈ... ଅନ୍ଧେର୍ ନହିଁ' |

# ନିର୍ବାଚନୀ ଗୁଲିଖଟି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ପ୍ରଥମ ଦୃଶ୍ୟ : ସେଲୁନ୍

ଆଜି ନିର୍ବାଚନ, ତେଣୁ ଅଫିସ୍ ଛୁଟି, ଏହିଭଳି ମଉକା ଆଉ ମିଳିବନି, ତେଣୁ ସକାଳୁ ସକାଳୁ ହରିବାବୁ ପହଞ୍ଚିଗଲେ ସାହି ମୁଣ୍ଡରେ ଥିବା ଷ୍ଟାଇଲ୍ ସେଲୁନରେ | ଚୁଟି କାଟୁଥିବା ସମୟରେ ଏମିତି ଟାଇମ୍ ପାସ୍ କରିବାପାଇଁ ପଚାରିଦେଲେ - ଆରେ ବଂଶୀ ଭୋଟ୍ ଦେବୁନି କି ? ସେଲୁନ୍ ଖୋଲି ବସିଚୁ ?

ବଂଶୀ - ଦେବି ଆଜ୍ଞା | ନଦେଲେ ହେବ ? ଆମ ଦେଶର କଥା | ଆମେ ଯଦି ଭୋଟ୍ ଦେବାନି ତ ପରେ ସରକାରକୁ ଦୋଷ ଦେଇ ଲାଭ କଣ ?

ହରିବାବୁ - ହଁ ସତ କଥା | ତୁ କଣ ଭାବୁଛୁ ଏଥର ନିର୍ବାଚନରେ କୋଉ ଦଳ ଆସିବ ?

ବଂଶୀ - ମୁଁ ଆଜ୍ଞା ମୁର୍ଖ ଲୋକ | ମୋତେ କିସ ଜଣା?

ହରିବାବୁ - କାଇଁ, ତୁ ପରା ଭୋଟ୍ ଦେବୁ? କାହାକୁ ଦେବୁ ବୋଲି ଭାବୁଚୁ ?

ବଂଶୀ - ଆଜ୍ଞା ହାତୀ ଆଉ ଗୋଲାପଫୁଲ ଦିଟାରେ ଦେବି |

ହରିବାବୁ - ଦିଟାରେ କେମିତି ଦେବୁ ? ଜାଣିନୁ କି ଭୋଟ୍ ମେସିନରେ ଥରେ ହିଁ ଟିପି ହେବ?

ବଂଶୀ - ଜାଣିଛି ଆଜ୍ଞା | ହେଲେ ମୁଁ ବରମ୍ପୁରରେ ହାତୀକୁ ଦେବି ଆଉ ଗାଁକୁ ଗଲେ ଗୋଲାପ ଫୁଲକୁ ଦେବି |

ହରିବାବୁ - ଜଣେ ବ୍ୟକ୍ତି କେବଳ ଥରେ ଭୋଟ୍ ଦେଇ ପାରିବ, ଜାଣିନୁ କି ? ଆଉ ହାତରେ କାଳି ଲାଗିବା ପରେ ଭୋଟ୍ ଦେବୁ କେମିତି ?

ବଂଶୀ - ଆମ ଗାଁ କଇଳାଶ ସବୁ ଗୁପ୍ତ କଥା ଜାଣିଚି ଆଜ୍ଞା, ସେ କହିଲା ସେ କାଳି ଲିଭେଇଦେବ |

ହରିବାବୁ - (ଆଶ୍ଚର୍ଯ୍ୟ ହେଇ) ତା ହେଲେ ତୁ ଏଠାରେ ଅଲଗା ସେଠାରେ ଅଲଗା ଭୋଟ୍ କାହିଁକ୍ ଦଉଚୁ ?

ବଂଶୀ - ଆଜ୍ଞା, କାଲି ରାତିରେ ଆମ ସାଇକି ଆସିଥିଲେ ନେତା ଲୋକ, ମହାପ୍ରସାଦ

ଖୋଇ ଦେଲେ ଆଉ କହିଲେ ଆମକୁ ଭୋଟ୍ ଦେବ | ଘର ପିଛା ଚାରିଶ ଟଙ୍କା ଆଉ ଗାମୁଛା ଖଣ୍ଡେ ଦେଇଛନ୍ତି | ସେମିତି ଗାଁରେ ସାହି ମନ୍ଦିର ପାଇଁ ଗୋଲାପଫୁଲ ଦଳ ଲାକ୍ଷେ ଟଙ୍କା ଦେଇଛନ୍ତି ଆଉ ଗାଁ ନାଟକୁ ଦଶ ହଜାର ଟଙ୍କା, ତାଙ୍କୁ ଭୋଟ୍ ନଦେଲେ ହବ ?

## ଦ୍ବିତୀୟ ଦୃଶ୍ୟ

(ଅନ୍ନପୂର୍ଣ୍ଣା ମାର୍କେଟ୍ ଭିତରେ)

ରଘୁ - ଆରେ କାଳିଆ, ବଜାରରେ ବୁଲୁଛୁ କଣ, ଭୋଟ୍ ଦେବାକୁ ଯିବୁନି କି ?

କାଳିଆ - ନାଇଁ, ମତେ ସେ ସବୁ ଧନ୍ଦା ପସନ୍ଦ ନାଇଁ | ଆଉ ମୁଁ ଭୋଟ୍ ଦେଇଦେଲେ କୋ ଦେଶ ସୁଧୁରିଯିବ ? ସବୁ ଶଃ... ଚୋର | ଇୟେ ଆସୁ କି ସିଏ ସବୁ ଖାଇବେ, ଆମେ ଭକୁଆ ହେଇ ଦେଖିବା ଛଡ଼ା ଆଉ କିଛି କରିପାରିବା ନାଇଁ |

ରଘୁ - କିନ୍ତୁ ଭୋଟ୍ ଦେବା ଆମ କର୍ତ୍ତବ୍ୟ |

କାଳିଆ - ଥାଉ ଥାଉ ମୋତେ ଆଉ କର୍ତ୍ତବ୍ୟ ଶିଖାନା... ତୁ କଉନୁ ତୁ କୁଆଡ଼େ ସକାଳୁ ସକାଳୁ ବାହାରି ଆସିଚୁ ?

ରଘୁ - ହେ ଆଜି ଅଫିସ୍ ଛୁଟି ଥିଲା ତ ଭାବିଲି, ଠାକୁରାଣୀ ମନ୍ଦିର ଆଡ଼େ ଯାଇ ବୁଲି ଆସିବି | ତା'ପରେ ଫିଲିମ୍ ଯିବି ବୋଲି ଭାବୁଛି, ତୁ ଯିବୁ କି?

## ତୃତୀୟ ଦୃଶ୍ୟ

(ଭୋଟ୍ ଗ୍ରହଣ କେନ୍ଦ୍ର ବାହାରେ)

ପ୍ରଥମ ବ୍ୟକ୍ତି - (ଫୋନରେ) ଭାଇନା... ଏ ଶଃ.. ଗୋଲାପ ଦଳର ଟୋକା ଆସି ବେଶି ପାଟିତୁଣ୍ଡ କରୁଛନ୍ତି | ଭୋଟ୍ କେନ୍ଦ୍ର ଭିତରେ ପଶିବେ ବୋଲି କହୁଚନ୍ତି | କଣ କରିବି ?

ଦ୍ବିତୀୟ ବ୍ୟକ୍ତି - (ଫୋନରେ) ପଶି ଯାଆନ୍ତୁ, ଆମେ ତା ପରେ ପାଟି କରିବା, ଏବେ ସବୁ ଚୁପ୍ ଥାଅ |

ପ୍ରଥମ ବ୍ୟକ୍ତି - ଭାଇନା ତମେ ବୁଝୁନ, ସେମାନେ ପଲଉ ଆଉ କୋବି ପକଡ଼ା ଧରି ଆସି ସମସ୍ତଙ୍କୁ ବାଣ୍ଟୁଛନ୍ତି ଆଉ କହୁଛନ୍ତି ଭୋଟ୍ କେନ୍ଦ୍ରରେ ପଶି ଅଫିସର ମାନଙ୍କୁ ଏ ସବୁ ଦେବେ ?

ଦ୍ବିତୀୟ ବ୍ୟକ୍ତି - ତୁ ସେଇଠି ଥା, ଯା ଭୋଟ୍ କେନ୍ଦ୍ର ଭିତରକୁ ଖବର୍ କରିଦେ, ସାଙ୍ଗେ ସାଙ୍ଗେ ବିରିୟାନୀ ଆଉ ଚିକେନ୍ ପକଡ଼ା ଆସୁଚି |

ପ୍ରଥମ ବ୍ୟକ୍ତି - ହସି ଦେଇ, ହଁ ଭାଇନା, ଏବେ ଦେଖିବା ବହପ, ଶଃ... ସାଧା ପଲଉ ଧରି ଷ୍ଟାଇଲ୍ ମାରୁଛନ୍ତି, ଭାବୁଛନ୍ତି ଭୋଟ୍ ଜିତିଯିବେ ?

## ଚତୁର୍ଥ ଦୃଶ୍ୟ

(ଭୋଟ୍ ଗ୍ରହଣ କେନ୍ଦ୍ର ଭିତରେ)

ଅଫିସର - ଭୋଟ୍ କେମିତି ଦିଆହୁଏ ଜାଣିଛ ତ ?

ଲୋକା - ନାଇଁ ଆଜ୍ଞା  | କହିଦେଲେ ଜାଣିବି |

ଅଫିସର - (ଲୋକା ପାଖକୁ ଆସି ମେସିନ୍ ଦେଖେଇଲେ) ଏଇ ଦେଖ ମେସିନ୍, ଏ ମେସିନ୍ ଉପରେ ତମ ନେତା ମାନଙ୍କ ନାଁ ଆଉ ନିର୍ବାଚନ ଚିହ୍ନ ଲାଗିଚି | ତମକୁ ଯୋଉ ନେତାକୁ ଭୋଟ୍ ଦେବାର ଅଛି, ତା ନାଁ ପାଖରେ ଯୋଉ ବଟନ୍ ଅଛି ତାକୁ ଚିପିଦିଅ ବାସ୍ ହେଇଯିବ |

ଲୋକା - କେତେ ବଢ଼ିଆ ଆଜ୍ଞା | ଆଗରୁ ଆମେ ମିଶାଣ ଚିହ୍ନ ଅଗରେ ନାଗିଥିବା କାଠିଟେ ଆଣି କାଗଜରେ ଛାପି ଦଉଥିଲୁ | ଏବେ କେତେ ସହଜ୍ |

ଅଫିସର - ହଉ ହେଲା ଶୀଘ୍ର କୁହ କୋଉଠି ଭୋଟ୍ ଦେବ | ଅନ୍ୟମାନେ ବି ଦେବେ ନା?

ଲୋକା - ଭୋଟ୍ ଦେବି, କାହାକୁ ଦେବି?? (ମନେ ମନେ ଚିନ୍ତା କରୁ କରୁ)

ଅଫିସର - ଏତେ କଣ ଭାବୁଛ, ଏଇ ଦେଖ ଏମିତି ଏଇ ଗୋଲାପ୍ ଫୁଲ ପାଖ ବଟନକୁ ଚିପି ଧର, ଦେଖ ହେଇଗଲା | ଲାଲ ବତୀ ଜଳିଲା ଆଉ ସବୁଜ ହେଇଗଲା ମାନେ ଭୋଟ୍

ହେଇଗଲା |

ଲୋକା - ଏଁ ଆଜ୍ଞା, ଭୋଟ୍ ହେଇଗଲା?

ଅଫିସର - ହଁ ଭୋଟ୍ ହେଇଗଲା?

ଲୋକା - ହେଲେ ଆଜ୍ଞା ମୁଁ ହାତୀ ଚିହ୍ନକୁ ଭୋଟ୍ ଦେଇଥିତି ?

ଅଫିସର - ହେଲା ହେଲା ଗୋଟେ ଭୋଟରେ କଣ ଦୁନିଆ ବଦଳିଯିବ? ଯାଅ ଯାଅ, ଅନ୍ୟମାନେ ବି ଲାଇନିରେ ଅଛନ୍ତି ଭୋଟ୍ ଦେବେ |

ଲୋକା - ହେଲେ ଆଜ୍ଞା, ମୁଁ ଭୋଟ୍ ଦେଲି କେତେବେଳେ ? ମୁଁ ବୋତାମ୍ ଚିପିଥାନ୍ତି ?

ଅଫିସର - ଉଁ ବୋତାମ ଚିପିଥାନ୍ତି ? ଦେହରେ ପ୍ରାଣ ନାଇଁ କହିଲା ନା କଣ ବୋତାମ ଚିପିଥାନ୍ତି, ଯା ଯା ଜଲଦି ବାହାର ଏଠୁ, ଲୋକମାନେ ବାହାରେ ଗହଳି କଲେଣି |

# ଆଞ୍ଜୁଳାଏ ଚାଉଳ

ସୁଜାତା ପ୍ରିୟମ୍ବଦା ପରିଡ଼ା

ବାପାଙ୍କ ନାଲି ଗାମୁଛା
ମୁଣ୍ଡରେ ଦେଇ
ତୁ ଖେଳୁଥିଲୁ ବୋହୁ ବୋହୁକା
ତିନି ଟେଳା ଅସଜଡ଼ା ମାଟିର-
ଚୁଲି କରି
ନଡ଼ିଆ ସଢ଼େଇରେ ରାନ୍ଧି
ଦାଣ୍ଡ ଅଗଣା ମନ୍ଦାର ଗଛର
ପତରରେ
ପରଶି ଦେଉଥିଲୁ ମିଛିମିଛିକା
ଧୂଳିମାଟିର ଭାତ ତିଅଣ
ତୋ କଅଁଳ ଛନ ଛନ ଶୈଶବର
ଅବୁଝା ଅଦେଖା-
ସପନର ଲୋକମାନଙ୍କ ପାଇଁ,
ତୋ ନାଲି ଗୁଲୁ ଗୁଲୁ
ଓଠରେ ଝରି ପଡୁଥିଲା
କେତେ ଅବୁଝା ଫିସ୍ ଫିସ୍ କଥା
କେଉଁ ଅଜ୍ଞାତ ଅଦୃଷ୍ଟ ମାନଙ୍କ ପାଇଁ |
ବୋଉର କୁହୁକମୁଣି
ଟିଣବାକ୍ସ ଖୋଲିଲା ବେଳେ
ତୁ କାନ୍ଦି ଗଡ଼ିଯାଉଥିଲୁ
ବୋଉର କୁଆଁରପୁନେଇ-
ପାଟ ପିନ୍ଧି ବୋହୁ ହେବାପାଇଁ,
ଆଜି ପରସ୍ତ ପରସ୍ତ
ମମତାରେ ଭିଜାଇ

ବୋଉ ତୋତେ ପିନ୍ଧାଇଛି
ସତସତିକା ମଖମଲି ପାଟ
ସୁନା ଜରିଲଗା ପାଟ ଓଢ଼ଣୀରେ
ବାପା ଥାପି ଦେଇଛନ୍ତି
ଆକାଶେ ଉଦାରତା,
ନିଖୁଣ କରି ସଜାଡୁଛନ୍ତି
ତାଙ୍କ ରକ୍ତମାଂସର
ସଯତ୍ନ ପିତୁଳାକୁ-
ହୃଦୟରୁ ରକତ ନିଗାଡ଼ି
ତୋ ଆଞ୍ଜୁଳାରେ ଭରି ଦେଇଛନ୍ତି
ଏ ଘରର... ଏ ମାଟିର...
ଆଞ୍ଜୁଳାଏ ଚାଉଳ-
ଅସରନ୍ତି ସେନେହ ସରାଗ ।
ତୋର ଛଳ ଛଳ ଆଖି
କୋହ ଆଉ ସପନର...
ଭୀତି ଆଉ ପ୍ରୀତିର...
ମିଶ୍ରିତ ବେଦନା ଭିତରେ
ଅସ୍ପଷ୍ଟ ଅସ୍ଫୁଟ-
ତୋ ମିଛି ମିଛିକା ବୋହୁଖେଳ
ଧୂଳିମାଟିର ଭାତ ତିଅଣ
ରଙ୍ଗୀନ ପ୍ରଜାପତିର
ଫଡ଼ ଫଡ଼ ଡେଣା
ବୈଶାଖୀର ଗୋଧୂଳିରେ
ସ୍ତବ୍ଧ ହେଲାପରି ।

ଆହ୍ୱାନର ଆଗାମୀ ସଂସ୍କରଣ ମଇ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

aahwaan@gmail.com

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର – ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର – ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା –

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

News Site @ Rs 15,000, School / College Site @ Rs 12,000
MLM Website @ Rs 25,000, Domain Registration @ Rs 99
Free Updation and Maintenance of Your Website
Multi-lingual (Odia, English, Hindi) site at no extra cost

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

Visit our website / give us a call: -

**WWW.ODIAGURU.COM / 90409 85463**